ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ପୃଷ୍ଠା-୬

ବାଲେଶ୍ୱର ■ ବୁଧବାର ୨୬ ଏପ୍ରିଲ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 26 APRIL 2023

Vol.No. 34 ■ No. 109 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଶୁଭାରମ୍ଭ ହେଲା ଦେଶର ପ୍ରଥମ ୱାଟରମେଟ୍ରୋ

ନୂଆଦିଲ୍ଲୀ,୨୫/୦୪ : ପାଣି ଉପରେ ଚାଲୁଛି ମେଟ୍ରୋ । କେରଳ କୋଚିରେ ଆରମ୍ଭ ହୋଇଛି ଭାରତର ପ୍ରଥମ 'ୱାଟର ମେଟ୍ରୋ' ପ୍ରୋଜେକ୍ଟ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାର ଶୁଭାରମ୍ଭ କରିଛନ୍ତି । ୧୦ଟି ଦୀପକୁ ଯୋଡିବ ଏହି ୱାଟର ମେଟ୍ରୋ । ଏଥିପାଇଁ ଖର୍ଚ୍ଚ ହୋଇଛି ୧୧ ଶହ ୩୬ କୋଟିରୁ ଅଧିକ ଟଙ୍କା । ସ୍ୱତନ୍ତ୍ର ଫିଚର୍ସ ସହ ସୁରକ୍ଷା ଦୃଷ୍ଟିରୁ ବେଶ ଖାସ ହୋଇଛି ୱାଟର ମେଟ୍ରୋ । ଆଉ ପାଣିରେ ମେଟ୍ରୋର ଏହି ଯାତ୍ରା ଲୋକଙ୍କୁ ଯୋଗାଇଛି ଆରାମଦାୟକ ଯାତ୍ରା । ପାଣି ଉପରେ ମେଟ୍ରୋ ପରିଚାଳନାର କଳ୍ପନା କରିଥିଲେ କେନ୍ଦ୍ର ସରକାର । ଯାହା ଏବେ ସଫଳ ହୋଇଛି । କେରଳର ବାଣିଜ୍ୟିକ ରାଜଧାନୀ ଭାବେ ପରିଚିତ କୋଚିରେ ଆରମ୍ଭ ହୋଇଛି ଏହି ମେଟ୍ରୋ ଟ୍ରେନ୍ । କେନ୍ଦ୍ର ସରକାର 'ୱାଟର ମେଟ୍ରୋ' ପ୍ରୋଜେକ୍ଟର ପରିକଳ୍ପନା ବଢୁଥିବା ପ୍ରଦୂଷଣକୁ ଦୃଷ୍ଟିରେ ରଖି କରିଥିଲେ । ଯାହା ଏବେ ସଫଳ ହୋଇଛି । କେରଳ ବଢୁଥିବା ପ୍ରଦୂଷଣ ଏବଂ ଭିଡକୁ ଦୃଷ୍ଟିରେ ରଖି 'ୱାଟର ମେଟ୍ରୋ' ପ୍ରୋଜେକ୍ଟ ଆରମ୍ଭ କରିବାକୁ ଚିନ୍ତା କରାଯାଇଥିଲା । କୁହାଯାଉଛି ଏହି ପ୍ରୋଜେକ୍ଟ ଦ୍ୱାରା କେବଳ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇ ପାରିବ ତାହା ନୁହେଁ ଟ୍ରାଫିକ୍ ସମସ୍ୟାକୁ ବି କମ୍ କରିବ । 'ୱାଟର ମେଟ୍ରୋ' ପ୍ରୋଜେକ୍ଟ ଦ୍ୱାରା ୧ ଲକ୍ଷରୁ ଅଧିକ ଲୋକ ଲାଭବାନ ହେବେ । ଏହି ପ୍ରୋଜେକ୍ଟ ଦ୍ୱାରା ୧୫ଟି ରୁଟ୍‌ରେ ଇଲେକ୍ଟ୍ରିକ୍ ବୋଟ୍ ଚଳାଚଳ ହେବ । ଏହା ୧୦ଟି ଆଇଲାଣ୍ଡକୁ ସଂଯୋଗ କରିବ । ୭୮ କିଲୋମିଟର ଲମ୍ବା ଏହି ପାଣି ରାସ୍ତାରେ ଚାଲିବ ଇଲେକ୍ଟ୍ରିକ୍ ବୋଟ୍ । ପ୍ରତ୍ୟେକଟି ବୋଟ୍ ଶୀତତାପ ନିୟନ୍ତ୍ରିତ ହୋଇଛି । ଯାତ୍ରୀ ବିନା ଟ୍ରାଫିକରେ ନିଜ ଗନ୍ତବ୍ୟରେ ପହଁଚି ପାରିବେ । ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ସ୍ୱତନ୍ତ୍ର ମେସିନ୍ ଲାଗିଛି ଏହି ମେଟ୍ରୋରେ । ଇଲେକ୍ଟ୍ରିକ୍ ବୋଟ୍‌ରେ ଲାଗିଛି ସ୍ୱତନ୍ତ୍ର ବ୍ୟାଟେରୀ । ଏହି ବ୍ୟାଟେରୀ ଚାର୍ଜିଂ ପାଇଁ ସ୍ୱତନ୍ତ୍ର ଚାର୍ଜିଂ ସେଂଟର ପ୍ରସ୍ତୁତ ହୋଇଛି । ୭୮ କିଲୋମିଟର ଲମ୍ବା ପାଣିର ରାସ୍ତାରେ ଚାଲିବ ୭୮ଟି ମେଟ୍ରୋ । ଆଉ ଏହି ମେଟ୍ରୋ ପାଇଁ ୩୮ଟି ଟର୍ମିନାଲ ବା ହାଇବ୍ରିଟ୍ ଘାଟ ପ୍ରସ୍ତୁତ ହୋଇଛି । ଲୋକଙ୍କୁ ଯେପରି ସମସ୍ୟା ନହୁଏ ସେହିପରି ସବୁ ସୁବିଧା ଏହି ଟର୍ମିନାଲରେ କରାଯାଇଛି । କୋଚି ୱାନ୍ କାର୍ଡରେ ଉଭୟ 'ମେଟ୍ରୋ' ଏବଂ 'ୱାଟର ମେଟ୍ରୋ'ରେ ଯାତ୍ରା କରିପାରିବେ ଯାତ୍ରୀ ।

ରାଜ୍ୟରେ ଜାରି ରହିବ କାଳବୈଶାଖୀର ପ୍ରଭାବ

ଭୁବନେଶ୍ୱର, ୨୫/୦୪ (ନି.ପ୍ର): ରାଜ୍ୟର ବିଭିନ୍ନ ଜିଲ୍ଲାରେ କାଳବୈଶାଖୀର ପ୍ରଭାବ ରହିଛି। ଆଗାମୀ ୪ରୁ ୫ ଦିନ ପର୍ଯ୍ୟନ୍ତ ବହୁ ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ହେବାର ସମ୍ଭାବନା ରହିଛି। ଏହାସହ କିଛି ଜିଲ୍ଲାରେ କୁଆପଥର ବର୍ଷା ମଧ୍ୟ ହୋଇପାରେ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ୨୪ ଘଂଟା ମଧ୍ୟରେ ବାଲେଶ୍ୱର , ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, କେନ୍ଦୁଝର, ମୟୁରଭଂଜ , କନ୍ଧମାଳ, ରାୟଗଡା ଓ ବୌଦ୍ଧ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିପାରେ। ଏହି ସମୟ ମଧ୍ୟରେ ମୟୁରଭଂଜ, କନ୍ଧମାଳ ଓ ଦେବଗଡ ଜିଲ୍ଲାର କିଛି ସ୍ଥାନରେ କୁଆପଥର ବର୍ଷା ସମ୍ଭାବନାରହିଛି। ଏଥିପାଇଁ ଏ ସମସ୍ତ ଜିଲ୍ଲାଗୁଡିକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଆସନ୍ତାକାଲି କେନ୍ଦୁଝର, ମୟୁରଭଂଜ,ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଂଜାମ, ଗଜପତି, ସୋନପୁର, ବୌଦ୍ଧ, ନୂଆପଡା, ବଲାଙ୍ଗିର , କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କାଳବୈଶାଖୀ ବର୍ଷା ସହ ୪୦ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ଜିଲ୍ଲାଗୁଡିକୁ ମଧ୍ୟ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

ରତ୍ନଭଣ୍ଡାର ଚାବି ହଜିବା ମାମଲାରେ ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ନୋଟିସ୍



ଭୁବନେଶ୍ୱର, ୨୫/୦୪ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାରର ଚାବି ହଜିଯିବା । ଆଚାନକ୍ ନକଲି ଚାବି ଉଦ୍ଧାର ହେବା ଏବଂ ତଦନ୍ତ ପାଇଁ ରଘୁବୀର ଦାସ କମିଶନଙ୍କୁ ଦାୟିତ୍ୱ ଦେବା । ଏହାରି ଭିତରେ ପ୍ରାୟ ୫ବର୍ଷ ବିତିଯାଇଛି । କମିଶନ ୩୨୪ ପୃଷ୍ଠାର ରିପୋର୍ଟ ଦେବା ପରେ ବି, ଏଥିରେ କ'ଣ ରହିଛି, ତାହା ବର୍ତମାନ ସୁଦ୍ଧା ସ୍ପଷ୍ଟ ହୋଇପାରିନି । ଆଉ ଏହି ଚାବି ହଜିବା ପ୍ରସଙ୍ଗକୁ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ପୁରୀର ସମାଜସେବୀ ଦିଲ୍ଲୀପ ବରାଳ । ଆବେଦନକୁ ଗ୍ରହଣ କରି ଜବାବ ଦାଖଲ କରିବାକୁ ନୋଟିସ କରିଛନ୍ତି ହାଇକୋର୍ଟ । ମୁଖ୍ୟ ଶାସନ ସଚିବ ଏବଂ ଆଇନ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି ଓଡ଼ିଶା ଉଚ୍ଚ ନ୍ୟାୟାଳୟ । ଜୁଲାଇ ୧୦ରେ ହେବ ଏହି ମାମଲାର ପରବର୍ତ୍ତୀ ଶୁଣାଣି । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରାଯାଉ, ଇନକ୍ୱାରୀ ଅଫ୍ କମିଶନ ଆକ୍ଟରେ ଥିବା ନିୟମର ଅନୁପାଳନ କରାଯାଉ ଓ ରତ୍ନଭଣ୍ଡାର ମରାମତି ପାଇଁ ପନ୍ଥ ବିଭାଗକୁ ଦାୟିତ୍ୱ ହସ୍ତାନ୍ତର କରାଯାଉ ବୋଲି ମାନ୍ୟବର କୋର୍ଟ ସାମ୍ନାରେ ଆବେଦନକାରୀ ମୁଖ୍ୟତଃ ତିନୋଟି ପ୍ରାର୍ଥନା କରିଛନ୍ତି । ଆବେଦକାରୀ ଏବଂ ତାଙ୍କ ଓକିଲଙ୍କ ଯୁକ୍ତି ଅନୁସାରେ, ରିପୋର୍ଟ ସାର୍ବଜନୀନ ହୋଇପାରୁନଥିବାରୁ । ରତ୍ନଭଣ୍ଡାରର ରତ୍ନ ସୁରକ୍ଷିତ ଅଛି ନା ନାହିଁ, ରତ୍ନଭଣ୍ଡାର ମରାମତିର ଆବଶ୍ୟକତା ରହିଛି ନା ନାହିଁ, ସେ ଦିଗରେ ପଦକ୍ଷେପ ନେବା ସଂଭବ ହେଉନାହିଁ । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ହାଇକୋର୍ଟଙ୍କ ନୋଟିସ୍ ଆସିବା ପରେ ରାଜ୍ୟ ସରକାରଙ୍କୁ ଘେରିଛନ୍ତି ବିରୋଧୀ । ରତ୍ନଭଣ୍ଡାରର ସୁରକ୍ଷା ନେଇ ପ୍ରଶ୍ନ ମଧ୍ୟ ଉଠାଇଛନ୍ତି । ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ତଦନ୍ତ କମିଶନ ୨୦୧୮ ମସିହାରେ ପୂର୍ଣ୍ଣାଙ୍ଗ ରିପୋର୍ଟ ଦାଖଲ କରିଥିଲେ । ତଦନ୍ତ କମିଶନ ନଭେମ୍ବର ୩୦ ତାରିଖରେ ୩୨୪ ପୃଷ୍ଠାର ରିପୋର୍ଟ ଆଇନ ବିଭାଗ ଓ ଗୃହ ବିଭାଗକୁ ରିପୋର୍ଟ ପ୍ରଦାନ କରିଥିଲେ । ତଦନ୍ତ ବାବଦରେ ରାଜ୍ୟ ସରକାରଙ୍କ ରାଜକୋଷରୁ ୨୨ ଲକ୍ଷ ୨୭ ହଜାର ଟଙ୍କା ଖର୍ଚ୍ଚ ହୋଇଥିଲା । ହେଲେ ରିପୋର୍ଟରେ କ'ଣ ରହିଛି ତାକୁ ନେଇ କୌଣସି ସ୍ପଷ୍ଟ ସୂଚନା ସାମ୍ନାକୁ ଆସିପାରିନାହିଁ ।

ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ହତ୍ୟା ଧମକ

ଲକ୍ଷ୍ନୌ, ୨୫/୦୪ : ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପୁଣି ଥରେ ମିଳିଛି ହତ୍ୟା ଧମକ । ଗଲ୍ଲୁ ସିଟି ଥାନାରେ ଏନେଇ ଏତଲା ଦାୟର୍ ହେବା ପରେ ଏସଟିଏଫ ଏବଂ ଅନ୍ୟ ଏଜେନ୍ସୀ ମାନେ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ଘଟଣା ପରେ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥାକୁ ବଢାଇ ଦିଆଯାଇଛି । ତେବେ ମୁଖ୍ୟମନ୍ତ୍ରୀଙ୍କୁ କିଏ ଏଭଳି ହତ୍ୟା ଧମକ ଦେଇଛି ଏବଂ ଏହା ପଛରେ କେଉଁ ମାନେ ସାମିଲ୍ ଅଛନ୍ତି ସେନେଇ ଏଜେନ୍ସୀମାନେ ଯାଂଚ୍ କରୁଛନ୍ତି ।

ବିରୋଧୀଙ୍କୁ ବିଜୟମନ୍ତ୍ର ଦେଲେ ସତ୍ୟପାଲ ମଲ୍ଲିକ

ନୂଆଦିଲ୍ଲୀ,୨୫/୦୪ : ପୁଲୱାମା ଆତଙ୍କବାଦୀ ଆକ୍ରମଣ ଉପରେ ବିବାଦୀୟ ବୟାନ ଦେଇ ଚର୍ଚ୍ଚାରେ ରହିଛନ୍ତି ଜାମ୍ମୁ-କାଶ୍ମୀରର ପୂର୍ବତନ ରାଜ୍ୟପାଳ ସତ୍ୟପାଲ ମଲ୍ଲିକ । ଏବେ ସେ ପୁଣି ଏକ ବିବାଦୀୟ ବୟାନ ଦେଇଛନ୍ତି । ସେ କହିଛନ୍ତି କି, ରକ୍ଷାମନ୍ତ୍ରୀ ରାଜନାଥ ସିଂ ପ୍ରଧାନମନ୍ତ୍ରୀ ପଦ ପାଇଁ ଆଶାୟୀ ଅଛନ୍ତି । ସେ କହିଛନ୍ତି କି, ଯଦି ଭାଗ୍ୟରେ ଥାଏ ତେବେ ରାଜନାଥ ସିଂ ପ୍ରଧାନମନ୍ତ୍ରୀ ହେବେ । ସେପଟେ ପୁଲୱାମା ଆକ୍ରମଣ ଘଟଣାକୁ ନେଇ ସତ୍ୟପାଲ ମଲ୍ଲିକ କହିଛନ୍ତି କି, ଏହି ପ୍ରସଙ୍ଗ ସେ ଘଟଣା ଘଟିବା ଦିନ ଉଠାଇଥିଲେ ଓ ଆଜି ବି ସମାନ ବୟାନ ଦେଉଛନ୍ତି । ଗୃହମନ୍ତ୍ରୀ ଅମିତ୍ ଶାହା କହିଥିଲେ କି ଯଦି ସତ୍ୟପାଲ ମଲ୍ଲିକ ଠିକ୍ କଥା କହୁଛନ୍ତି ତାହା ସେ ରାଜ୍ୟପାଳ ଥିବା ବେଳେ କାହିଁକି କହିନଥିଲେ । ତାହାର ଉ ରରେ ସତ୍ୟପାଲ ମଲ୍ଲିକ ଏଭଳି କହିଛନ୍ତି । ରାଜସ୍ଥାନ ସିକର ଠାରେ ପହଂଚି ସତ୍ୟପାଲ ମଲ୍ଲିକ ଆଗାମୀ ରାଜସ୍ଥାନ ନିର୍ବାଚନ ନେଇ ବିରୋଧୀଙ୍କୁ ବିଜୟମନ୍ତ୍ର ଦେଇଛନ୍ତି । ସେ କହିଛନ୍ତି କି ଆଗାମୀ ବିଧାନସଭା ନିର୍ବାଚନରେ ବିଜେପି ଯଦି ବସୁନ୍ଧରାରାଜେ ସିନ୍ଧିଆଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରେ ତେବେ ବିଜେପି ସହଜରେ ନିର୍ବାଚନ ଜିତିଯିବ । ହେଲେ ଯଦି ବିରୋଧୀମାନେ ବିଜେପିର ଜଣେ ପ୍ରାର୍ଥୀଙ୍କ ବିରୋଧରେ କେବଳ ଜଣେ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଉହ୍ଲାଇପାରିବେ ତେବେ ବିଜେପିର ପରାଜୟ ସୁନିଶ୍ଚିତ ହେବ । ଏହାସହ ସେ ପୁଣିଥରେ ଆଦାନୀ ମାମଲା, ପୁଲୱାମା ଆକ୍ରମଣ ମାମଲାରେ ଏବେ ବି ପ୍ରଧାନମନ୍ତ୍ରୀ ଚୁପ୍ ରହିଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯଦି ପ୍ରଧାନମନ୍ତ୍ରୀ ଏହି ଦୁଇଟି ମାମଲା ଉପରେ ବିରୋଧୀ କରୁଥିବା ପ୍ରଶ୍ନର ଉ ର ନଦିଅନ୍ତି ତେବେ ଏହା ବିଜେପି ପାଇଁ ଘାତକ ହେବ ।

ବରଗଡ଼ରେ ଲୁଚିଥିଲା ଗୁଡ୍ଡୁ ମୁସଲିମ୍!

ଭୁବନେଶ୍ୱର,୨୫/୦୪ :(ନି.ପ୍ର) ଯେଉଁ ଦୁର୍ଦ୍ଦାନ୍ତ ଅପରାଧୀ ଗୁଡ୍ଡୁ ମୁସଲିମକୁ ଧରିବା ପାଇଁ ଉ ରପ୍ରଦେଶ ଏସଟିଏଫ ଆପ୍ରାଣ ଉଦ୍ୟମ କରୁଛି, ଗୋଟିଏ ପରେ ଗୋଟିଏ ସହରରେ ଚଢ଼ାଉ କରୁଛି, ସେହି ଗ୍ୟାଙ୍ଗଷ୍ଟାର୍, ଓଡ଼ିଶା ଆସି ଲୁଚିଥିବା ଖବର ସାମ୍ନାକୁ ଆସିଛି । ବିଭିନ୍ନ ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବ ରିପୋର୍ଟ ଅନୁସାରେ- ଏପ୍ରିଲ ୨ରୁ ୧୩ ତାରିଖ ଯାଏଁ ଓଡ଼ିଶାରେ ରହିଥିଲା ଗୁଡ୍ଡୁ ମୁସଲିମ୍ । ଏହି ଦୁର୍ଦ୍ଦାନ୍ତ ଅପରାଧୀର ଶେଷ ଠିକଣା ଥିଲା ଓଡ଼ିଶା । ପୁଲିସ୍, ଗୁଡ୍ଡୁ ପାଖରେ ପହଂଚିବା ପୂର୍ବରୁ ଫେରାର୍ ହୋଇଯାଇଥିଲା । ଚମ୍ପଟ ମାରିବା ପୂର୍ବରୁ ଗୋଟିଏ ବ୍ୟାଗ୍ ଛାଡ଼ିଯାଇଥିଲା । ଏହି ବ୍ୟାଗରୁ ଗୁଡ୍ଡୁ ମୁସଲିମର ପୋଷାକ ଜବତ କରାଯାଇଛି । ଓଡ଼ିଶାରୁ ଛତିଶଗଡ଼ ଫେରାର୍ ହୋଇଯାଇଥିବା ସୂଚନା ମିଳିଛି । ଗୁଡ୍ଡୁ ମୁସଲିମ୍ ଓଡ଼ିଶା ଆସିଥିବା ସେତେବେଳେ ସନ୍ଦେହ ବଢ଼ିଥିଲା, ଯେତେବେଳେ ୟୁପି ଏସଟିଏଫ୍ ଟିମ୍ ବରଗଡ଼ ଆସି ରାଜା ଖାନକୁ ପଚରାଉଚରା କରିଥିଲା । ଏମିତି କି ୟୁପି ଏସଟିଏଫ୍ ଆସି, ଜେରା କରିଥିବା କଥାକୁ ମାନିଥିଲା ଓଡ଼ିଶା ପୁଲିସ୍ । ରାଜା ଖାନ୍ ହେଉଛି ସେହି ବ୍ୟକ୍ତି ଯିଏ ଓଡ଼ିଶା ଓ ଛତିଶଗଡ଼ରେ ରହି କାରବାର କରୁଥିଲା । କିନ୍ତୁ ରାଜା ଖାନ୍ ଛତିଶଗଡ଼ରେ ନୁହେଁ ବରଂ ବରଗଡ଼ରେ ରହୁଥିବା କହିଛନ୍ତି ମହାସମୁଦ ଏସପି । ଏପଟେ ଗୁଡ୍ଡୁ ମୁସଲିମର ସହଯୋଗୀ, ରାଜା ଖାନ୍ ବରଗଡ଼ରେ ରହି କାରବାର କରିବା ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିଛନ୍ତି ବିଜେପି ନେତା। ରାଜା ଖାନଙ୍କୁ କିଏ ପ୍ରଶ୍ରୟ ଦେଇଥିଲା ବୋଲି ପ୍ରଶ୍ନ କରିଛନ୍ତି ବିଜେପି ନେତା ସମୀର ମହାନ୍ତି । ସେ ଆହୁରି ଅଭିଯୋଗ ଆଣି କହିଛନ୍ତି, ►►ପୃଷ୍ଠା ୭

୨୦୨୪ରେ ପୁଣିଥରେ ପ୍ରାର୍ଥୀ ହେବାକୁ ଘୋଷଣା କଲେ ଜୋ- ବାଇଡେନ୍

ନୂଆଦିଲ୍ଲୀ,୨୫/୦୪ : ଆମେରିକାରେ ବର୍ତ୍ତମାନ ରାଷ୍ଟ୍ରପତି ଥିବା ଜୋ ବାଇଡେନ ଏକ ବଡ ଘୋଷଣା କରିଛନ୍ତି । ସେ କହିଛନ୍ତି କି, ୨୦୨୪ରେ ଆମେରିକାରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ସେ ପ୍ରାର୍ଥୀ ହେବାକୁ ଯାଉଛନ୍ତି । ସେ କେବଳ ନିର୍ବାଚନ ଲଢିବା କଥା ଘୋଷଣା କରିନାହାଁନ୍ତି । ଏହାସହ ସେ ନିର୍ବାଚନ ପ୍ରଚାର କମିଟି ମଧ୍ୟ ଘୋଷଣା କରିଛନ୍ତି । ଆମେରିକା ଗଣମାଧ୍ୟମ ମୁତାବକ ବାଇଡେନ ପୁଣିଥରେ ହ୍ୱାଇଟ ହାଉସରେ ବରିଷ୍ଠ ଅଧିକାରୀ ଓ ଦୀର୍ଘଦିନ ହେବ ଡେମୋକ୍ରାଟିକ ପାର୍ଟିର କାର୍ଯ୍ୟକର୍ତ୍ତା ଭାବେ କାମ କରୁଥିବା ଜୁଲି ଶାବେଜ ରୋଡ୍ରିଗୁଜ୍‌ଙ୍କୁ ନିର୍ବାଚନ ପ୍ରଚାରର ମୁଖ୍ୟ ଭାବେ ଘୋଷଣା କରିଛନ୍ତି । ଏହା ପୂର୍ବରୁ ୨୪ ତାରିଖରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସ୍ପଷ୍ଟ କରିଥିଲେ କି ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ଲଢିବାକୁ ଯାଉଛନ୍ତି । ସେପଟେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୨୦୨୨ ନଭେମ୍ବର ମାସରେ ଘୋଷଣା କରିଛନ୍ତି କି ସେ ୨୦୨୪ ରାଷ୍ଟ୍ରପତି ନିର୍ବାଚନରେ ରିପବ୍ଲିକାନ ପାର୍ଟି ତରଫରୁ ପ୍ରାର୍ଥୀ ହେବାକୁ ଯାଉଛନ୍ତି । କହିରଖୁ କି ଆମେରିକାର ଆଗାମୀ ରାଷ୍ଟ୍ରପତି ନିର୍ବାଚନ ୨୦୨୪ ନଭେମ୍ବର ୫ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି ।

ମହାରାଷ୍ଟ୍ର ରାଜନୀତିରେ ନୂଆମୋଡ : ମୁଖ୍ୟମନ୍ତ୍ରୀ ସିନ୍ଦେଙ୍କୁ ଝଟକା ଦେବାକୁ ପ୍ରସ୍ତୁତ ହେଲେଣି ବିଧାୟକ

ନୂଆଦିଲ୍ଲୀ,୨୫/୦୪ : ମହାରାଷ୍ଟ୍ର ରାଜନୀତିରେ ପ୍ରତ୍ୟେକ ଦିନ ନୂଆ ନୂଆ ରାଜନୈତିକ ସମୀକରଣକୁ ନେଇ ଚର୍ଚ୍ଚା ହେଉଛି । ଏହାଭିତରେ ମହାରାଷ୍ଟ୍ରରେ ଭାବି ମୁଖ୍ୟମନ୍ତ୍ରୀ ଲେଖାଥିବା ଏନସିପି ନେତା ଅଜିତ ପାୱାରଙ୍କ ପୋଷ୍ଟର ଲାଗିଲାଣି । କେତେବେଳେ ମହାରାଷ୍ଟ୍ର ରାଜନୀତି କେଉଁ ମୋଡ ନେତା ତାହା କହିବା ମୁସ୍କିଲ । ତେବେ ସୁପ୍ରିମକୋର୍ଟଙ୍କ ରାୟ ପରେ ଏନେଇ ଚିତ୍ର ସ୍ପଷ୍ଟ ହୋଇଯିବ । କିନ୍ତୁ ଏହା ଭିତରେ ସିନ୍ଦେ ଗୋଷ୍ଠୀରୁ କିଛି ବିଧାୟକ ପୁଣିଥରେ ଉଦ୍ଧବ ଗୋଷ୍ଠୀକୁ ଫେରିବାକୁ ଚାହୁଁଛନ୍ତି । ଅର୍ଥାତ ପୁରୁଣା ଘରକୁ ପୁଣିଥରେ ଫେରିବାକୁ ସିନ୍ଦେ ଗୋଷ୍ଠୀର କିଛି ନେତା ଚାହୁଁଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି । ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଏନସିପି ନେତା ଅଜିତ ପାୱାର କିଛି ବିଧାୟକଙ୍କ ସହ ବିଜେପିରେ ମିଶିବା ନେଇ ଚର୍ଚ୍ଚା ହେଉଛି । ଯାହାକୁ ନେଇ ସିନ୍ଦେ ଗୋଷ୍ଠୀ ଅସନ୍ତୁଷ୍ଟ ରହିଛି । ଏପରିକି ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ୍ୟ କହିଛନ୍ତି, ଅଜିତ ପାୱାର ବିଜେପିରେ ସାମିଲ ହେବେ କି ନାହିଁ ତାହା ବିଜେପି ସ୍ଥିର କରିବ । କିନ୍ତୁ ଯଦି ଏପରି ହୁଏ ତେବେ ସିନ୍ଦେ ଗୋଷ୍ଠୀ ଆଦୌ ଅଜିତ ପାୱାରଙ୍କ ସହ ଗଠବନ୍ଧନରେ ସାମିଲ ହେବନି ବୋଲି ସ୍ପଷ୍ଟ କରିଛନ୍ତି । ଏଭଳି ରାଜନୈତିକ ସମୀକରଣ ଭିତରେ ସିନ୍ଦେ ଗୋଷ୍ଠୀର କିଛି ବିଧାୟକ ପୁଣିଥରେ ନିଜ ରାଜନୈତିକ ଭବିଷ୍ୟତ ପାଇଁ ପୁଣିଥରେ ପୁରୁଣା ଘରକୁ ଫେରିବାକୁ ଚାହୁଁଥିବା କୁହାଯାଉଛି । କିନ୍ତୁ ପ୍ରଶ୍ନ ଉଠୁଛି ବିଦ୍ରୋହ କରି ଦଳ ଛାଡିଥିବା ନେତାଙ୍କୁ ଉଦ୍ଧବ ଗୋଷ୍ଠୀ ଗ୍ରହଣ କରିବ ତ? ଉଦ୍ଧବ ଗୋଷ୍ଠୀର ନେତାଙ୍କ କହିବା ଅନୁଯାୟୀ, ରାଜନୀତିରେ କେହି କାହାର ସ୍ଥାୟୀ ଶତ୍ରୁ କିମ୍ବା ବନ୍ଧୁ ନୁହନ୍ତି । ଏବେ ସିନ୍ଦେ ଓ ଉଦ୍ଧବ ଗୋଷ୍ଠୀ ମଧ୍ୟରେ ସମ୍ପର୍କ ବହୁତ ତିକ୍ତ । ଉଭୟ ଦଳର ନେତା କେହି କାହା ମୁହଁକୁ ମଧ୍ୟ ଚାହିଁବାକୁ ଚାହୁଁନାହାନ୍ତି । ଏଭଳି ସ୍ଥଳେ ବିଦ୍ରୋହ କରିଥିବା ନେତାଙ୍କୁ ଉଦ୍ଧବ ଗ୍ରହଣ କରିବେ କି ନାହିଁ ତାହା ସବୁଠୁ ବଡ ପ୍ରଶ୍ନ । ଏବେ ପର୍ଯ୍ୟନ୍ତ ସିନ୍ଦେ ଗୋଷ୍ଠୀର କୌଣସି ନେତାଙ୍କ ସହ ଆଲୋଚନା ହୋଇନାହିଁ । କିନ୍ତୁ ସିନ୍ଦେଙ୍କ ହାତ ଛାଡିବାକୁ ଚାହୁଁଥିବା ବିଧାୟକ କେଉଁ ଆଧାରରେ ଫେରିବାକୁ

ଓଏଚ୍‌ପିସି ଟ୍ରେନିଂ ହଷ୍ଟେଲ୍ ଓ କମ୍ପ୍ଲେକ୍ସ ଉଦ୍‌ଘାଟିତ

ଭୁବନେଶ୍ୱର , ୨୫/୦୪ (ନି.ପ୍ର): ପଟିଆସ୍ଥିତ ନବନିର୍ମିତ ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚ୍‌ପିସି)ର ଟ୍ରେନିଂ ହଷ୍ଟେଲ ଓ କମ୍ପ୍ଲେକ୍ସକୁ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଆଜି ଉଦ୍‌ଘାଟନ କରିଛନ୍ତି । ୩୬୬୨ ବର୍ଗକ୍ଷେତ୍ରରେ ନିର୍ମିତ ଏହି ହଷ୍ଟେଲରେ ୧୨ଟି ଗୋଟିଏ ଶଯ୍ୟା ରୁମ୍, ୧୨ଟି ଦୁଇ ଶଯ୍ୟା ରୁମ୍, କାଫେଟେରିଆ, ବହୁମୁଖୀ ଉପଯୋଗୀ ହଲ୍, କନ୍‌ଫରେନ୍ସ ହଲ୍ ଓ ଅନ୍ୟାନ୍ୟ ସୁବିଧା ରହିଛି । ପୁରାତନ ଓଏଚ୍‌ପିସି ଟ୍ରେନିଂ ସେଣ୍ଟର ସଂଲଗ୍ନ ଏହି ପାଞ୍ଚ ମହଲା ବିଶିଷ୍ଟ ନବନିର୍ମିତ ଟ୍ରେନିଂ ହଷ୍ଟେଲ ଓ କମ୍ପ୍ଲେକ୍ସ ତିଆରି ହୋଇଛି । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦେବ କହିଛନ୍ତି ଯେ ଓଏଚ୍‌ପିସି ରାଜ୍ୟର ବିଦ୍ୟୁତ୍ ଚାହିଦାର ୨୫% ବହନ କରୁଛି । ପିକ୍ ସମୟରେ ୧୫୦୦ରୁ ୧୬୦୦ ମେଗାୱାଟ୍ ବିଦ୍ୟୁତ୍ ଓଏଚ୍‌ପିସି ଯୋଗାଣ କରୁଛି । ୨୦୨୨-୨୩ ଆର୍ଥିକ ବର୍ଷରେ ୪୦୦ କୋଟି ଟଙ୍କା ଲାଭ ଅର୍ଜନ କରିଛି । ଏହି ଟ୍ରେନିଂ ହଷ୍ଟେଲ ଓ ସେଣ୍ଟର ଆଗାମୀ ଦିନରେ ଓଏଚ୍‌ପିସିକୁ ଅଧିକ ଦକ୍ଷ, କୁଶଳୀ ଓ ଲାଭଜନକ କରିବ, ଏହା ସନ୍ଦେହ ନାହିଁ । ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଓଏଚ୍‌ପିସିର ଅଧ୍ୟକ୍ଷ ବିଷ୍ଣୁପଦ ସେଠୀ ଓ ନିଗମର ବରିଷ୍ଠ ଅଧିକାରୀ ଅମରେଶ କୁମାର, ପ୍ରବୋଧ କୁମାର ମହାନ୍ତି, ଆଶିଷ କୁମାର ମହାନ୍ତିଙ୍କ ସମେତ ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା

ଧର୍ମଶାଳା, ୨୫/୦୪ (ନି.ପ୍ର): ହନୁମାନ ଜୟନ୍ତୀ ସମ୍ବଲପୁର ଠାରେ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିଲା । ମୁସଲମାନ ଅତିବାଦୀ ମାନଙ୍କ ଦ୍ୱାରା ହିନ୍ଦୁ ସମାଜ ଉପରେ ବର୍ବରୋଚିତ ଆକ୍ରମଣ କରାଯାଇଥିଲା । ଶାନ୍ତିପୂର୍ଣ୍ଣ ବାଇକ ଶୋଭାଯାତ୍ରାରେ ମୁଦଲମାନଙ୍କ ଦ୍ୱାରା ଅଚାନକ ଆକ୍ରମଣ କରାଯାଇଥିଲା । ଏହି ଘଟଣାରେ ଅନେକ ଆହତ ହୋଇଥିବା ସହ ସେମାନଙ୍କ ବାଇକକୁ ପୋଡି ଦିଆଯାଇଥିବା ବେଳେ ଜଣେ ମୃତ୍ୟୁ ବରଣ କରିଥିଲେ । ଯାହାକି ପରିସ୍ଥିତି ଅଣାୟତ ହୋଇପଡିଥିଲା । ତେବେ ଏହି ଘଟଣାକୁ ନେଇ ହିନ୍ଦୁ ସମାଜ ସୁରକ୍ଷା ଓ ନ୍ୟାୟ ଦାବି କରିଛି । ଏହି ଘଟଣାରେ ସୁରକ୍ଷା କର୍ମୀ ତଥା ଗୁପ୍ତଚର ସଂସ୍ଥା ନିଜର କର୍ତବ୍ୟ ସମ୍ପାଦନ କରିବାରେ ବିଫଳ ହୋଇଛି । ଯାହାକୁ ନେଇ ଆଜି ରାଜ୍ୟରେ ସମସ୍ତ ବ୍ଲକ କାର୍ଯ୍ୟାଳୟ ଆଗରେ ହିନ୍ଦୁ ସମାଜ ପକ୍ଷରୁ ଗଣ ବିକ୍ଷୋଭ ଓ ପ୍ରତିବାଦ ସଭା କରାଯାଇଛି । ଏହି କ୍ରମରେ ଆଜି ସକାଳ ୯ଟାରୁ ଅପରାହ୍ନ ୧୧ଟା ପର୍ଯ୍ୟନ୍ତ ବିଶ୍ୱହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଧର୍ମଶାଳା ପ୍ରଖଣ୍ଡ ପକ୍ଷରୁ ଧର୍ମଶାଳା ବ୍ଲକ କାର୍ଯ୍ୟାଳୟ ଆଗରେ ଶତାଧିକ ହିନ୍ଦୁ ଭାଇଭଉଣୀମାନେ ଏହାର ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରିଛନ୍ତି । ଏହି ଘଟଣାର ପ୍ରଶାସନ ଅନୁଧ୍ୟାନ କରିବା, ରାଜ୍ୟର ବିଭିନ୍ନ ସ୍ଥାନରେ ସକ୍ରିୟ ମୁସଲମାନମାନଙ୍କ ମଧ୍ୟରେ କାର୍ଯ୍ୟରତ ଅତିବାଦୀମାନଙ୍କୁ ଦୃଢ ହସ୍ତରେ ଦମନ କରିବା, ଷଡଯନ୍ତ୍ରକାରୀ ମାନଙ୍କୁ ଚିହ୍ନଟ କରି ନିରୀହ ହିନ୍ଦୁ ସମାଜ ଉପରେ ଆକ୍ରମଣ କରିଥିବା ଅପରାଧୀମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନେବା, ରାଜ୍ୟର ସମ୍ବେଦନଶୀଳ ଅଂଚଳ ଗୁଡିକରେ ପ୍ରତିଷେଧାତ୍ମକ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ । ପ୍ରତିବାଦ ସଭା ପରେ ଏକ ଦାବି ପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବ୍ଲକ ପ୍ରଶାସନିକ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଜେପି ପକ୍ଷରୁ ନୈତିକ ସମର୍ଥନ ଦିଆଯାଇଥିଲା । ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ଧର୍ମଶାଳା ପ୍ରଖଣ୍ଡର କାର୍ଯ୍ୟକାରୀ ସଭାପତି ବିବେକାନନ୍ଦ ଜେନା, ବିଶ୍ୱହିନ୍ଦୁ ପରିଷଦର ସଭାପତି ପ୍ରଫୁଲ୍ଲ ସ୍ୱାଇଁ, ବଜରଙ୍ଗ ଦଳ ପ୍ରଖଣ୍ଡ ସହ-ସଂଯୋଜକ ରଞ୍ଜନ ଅଧିକାରୀ ଓ ନରୋତମ ନାୟକ, ତପନ ଜେନା, ଆଶିଷ ମଲ୍ଲିକ, ଡମ୍ବରୁ କଦମ, ଭାସ୍କର ବେହେରା, ସୁଶାନ୍ତ ମଲ୍ଲିକ, ପ୍ରଭାତ ଓଝା, ଆରଏସଏସର ସଭ୍ୟ ଗୋପାଳ କୃଷ୍ଣ ସାହୁ, ମାନସ ମଲ୍ଲିକ, ବିଶ୍ୱ ହିନ୍ଦୁ ପରିଷଦର ମାର୍ଗଦର୍ଶକ ମଣ୍ଡଳୀର କାହ୍ନାବାବା, ରାଘବ ବାବା, ଅରଣୀ ଚନ୍ଦ୍ର ମିଶ୍ର, ଗୋଲକ ବାବା ପ୍ରମୁଖ ଆଶ୍ରୀବଚନ ପ୍ରଦାନ କରିଥିଲେ ।

ଚିତା ବାଘ ଛାଲ ଜବତ : ୨ ଗିରଫ

କନ୍ଧମାଳ, ୨୫/୦୪ (ନି.ପ୍ର): କନ୍ଧମାଳ ଜିଲ୍ଲା ଖଜୁରୀପଡ଼ା ଥାନା ଅଂଚଳରେ ବାଘ ଚମଡ଼ା ବିକ୍ରୀ ପାଇଁ ଡିଲ୍ ବେଳେ ଏସଟିଏଫ ଓ ଖଜୁରୀପଡା ଥାନା ପୋଲିସ ପକ୍ଷରୁ ମିଳିତ ଚଢ଼ଉ କରାଯାଇଛି । ଗତକାଲି ରାତି ପ୍ରାୟ ୮ଟା ସମୟରେ ଏହି ଚଢ଼ଉ ହୋଇଥିଲା । ଗୋଟିଏ ଚିତା ବାଘ ଛାଲକୁ ଜବତ କରିବା ସହ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି ଏସଟିଏଫ । ଗିରଫ ଦୁଇ ଅଭିଯୁକ୍ତ ହେଲେ ସୁଜିତ ରାଜସ୍ୱଦୀପ, ଧନଞ୍ଜୟ ବେହେରା । ଉଭୟଙ୍କ ଘର ଖଜୁରିପଡ଼ା ଥାନା ଅନ୍ତର୍ଗତ ଅରାପାଙ୍କୁ ଅଂଚଳରେ ବୋଲି ଜଣାପଡିଛି । ତେବେ ବାଘକୁ କେଉଁଠି ମରାଯାଇଥିଲା, କାହାକୁ ଚମଡ଼ା ବିକ୍ରୀ କରାଯିବାକୁ ଯୋଜନା ହେଉଥିଲା ଏବଂ ଏହି ରାକେଟ୍ ର ଚେର କେତେ ଦୂର ଲମ୍ବିଛି ସେନେଇ ଛାନଭିନ୍ ଆରମ୍ଭ କରିଛି ଏସଟିଏଫ । ଏ ସଂକ୍ରାନ୍ତରେ ଏସଟିଏଫ ପକ୍ଷରୁ କେସ୍ ନଂ ୮/୨୩ ରୁଜୁ ହୋଇଛି । ଅଭିଯୁକ୍ତ ଦ୍ୱୟଙ୍କୁ ଆଜି ଫୁଲବାଣୀ ଏସଡିଜେଏମ କୋର୍ଟରେ ହାଜର କରାଯାଇଛି । ତେବେ ଜବତ ହୋଇଥିବା ବାଘ ଛାଲକୁ ଡେରାଡୁନ ସ୍ଥିତ ବାୟୋଲୋଜିକାଲ ଏକଜାମିନେସନ ସେଂଟରକୁ ପଠାଯିବ ବୋଲି ଏସଟିଏଫ ସୂତ୍ରରୁ ସୂଚନା ମିଳିଛି ।

ଡ଼ଃ ନୃସିଂହାନନ୍ଦ ପାଇଲେ ସଙ୍ଗମ ସାହିତ୍ୟ ରତ୍ନ ସମ୍ମାନ

କନ୍ଧମାଳ, ୨୫/୦୪ (ନି.ପ୍ର): କନ୍ଧମାଳର ବିଶିଷ୍ଟ ସାହିତ୍ୟିକ ଡ଼ଃ ନୃସିଂହାନନ୍ଦ ମହାପାତ୍ରଙ୍କୁ ପୁରୀ ଜିଲ୍ଲାର ନିମାପଡାରୁ ସଙ୍ଗମ ସାହିତ୍ୟ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ଅକ୍ଷୟ ତୃତୀୟା ଉତ୍ସବ ପାଳନ ଅବସରରେ ସଙ୍ଗମ ସାହିତ୍ୟରତ୍ନ ସମ୍ମାନ ପ୍ରଦାନ କରାଯାଇଛି । ଡ଼ଃ ମହାପାତ୍ରଙ୍କୁ ଉପସ୍ଥିତ ଅତିଥିମାନେ ଉପଢୌକନ, ସମ୍ମାନଫଳକ, ପୁଷ୍ପଗୁଚ୍ଛ ଆଦି ପ୍ରଦାନ କରି ସମ୍ମାନିତ କରିଥିଲେ । ରାଜ୍ୟସ୍ତରୀୟ କବି ସମ୍ମିଳନୀ, ପାରମ୍ପରିକ ସଂସ୍କୃତି ସମ୍ପର୍ଣ୍ଣ ପ୍ରତିଯୋଗିତା ମାନ ଆୟୋଜନ କରାଯାଇ ଉତ୍କଳର ଅକ୍ଷୟ ତୃତୀୟାକୁ ଭିନ୍ନ ଢଙ୍ଗରେ ପାଳନ କରାଯାଇଥିଲା । ଗଙ୍ଗାଧର ଓଝାଙ୍କ ସଭାପତିତ୍ୱରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାସ, ବିଶିଷ୍ଟ ସାହିତ୍ୟିକ ପ୍ରସନ୍ନ ପାଟଶାଣୀ, ବ୍ୟଙ୍ଗ କବି ସତ୍ୟାନାଶ, ସମ୍ପଦ ରଥ, କବି ନାରାୟଣ ମୁଦୁଲି, କୋଣାର୍କର ରେଡ଼ିଓ ନମସ୍କାରର ନିର୍ଦେଶକ ସମେତ ନିମାପଡା ଅଂଚଳର ରାଜନେତା ମାନେ ଯୋଗ ଦେଇ କାର୍ଯ୍ୟକ୍ରମକୁ ସରସ କରିଥିଲେ । ଡ଼ଃ ମହାପାତ୍ର ଓଡ଼ିଶାର ଜଣେ ମୁଧନ୍ୟ ପ୍ରତିଭା । ସେ ବହୁ ପୁରସ୍କାରରେ ସମ୍ମାନିତ । ଫୁଲବାଣୀ ଆଇଟିଆଇର ସେ ତାଲିମପ୍ରାପ୍ତ ଅଧିକାରୀ ଥିଲା ବେଳେ ବହୁ ଅନୁଷ୍ଠାନ ସହ ସାଙ୍ଗଠନିକ ପଦରେ ରହିଛନ୍ତି । କମଳା ପ୍ରକାଶନୀ ନାମରେ ଏକ ପ୍ରକାଶନୀ ଖୋଲି ୨୨ ରୁ ଉର୍ଦ୍ଧ୍ୱ ପୁସ୍ତକ ପ୍ରକାଶିତ କରିଛନ୍ତି । କନ୍ଧମାଳର ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ସମଗ୍ର ହିନ୍ଦୁ ସମାଜ ତରଫରୁ ପ୍ରତିବାଦର ସଭା, ଶୋଭାଯାତ୍ରା ଓ ଦାବିପତ୍ର ପ୍ରଦାନ

ନୂଆପଡ଼ା, ୨୫/୦୪ (ନି.ପ୍ର): ଗତ ଅପ୍ରେଲ ୧୨ ଓ ୧୪ ତାରିଖରେ ସମ୍ବଲପୁର ଠାରେ ହନୁମାନ ଜୟନ୍ତୀ ପାଳନ ଅବସରରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଗୁଣ୍ଡା ବଦମାସ୍ ଦ୍ୱାରା ଜଣେ ବନବାସୀ ଯୁବକକୁ ହତ୍ୟା ଓ ହିନ୍ଦୁମାନଙ୍କ ଉପରେ ଆକ୍ରମଣ କରାଯାଇଥିଲା । ଏପରିକି ଘଟଣା ସ୍ଥଳରେ ଶାନ୍ତି ସୁରକ୍ଷା ପାଇଁ ଉପସ୍ଥିତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ମଧ୍ୟ ଭୟଙ୍କର ଆକ୍ରମଣ ହୋଇଥିଲା । କିନ୍ତୁ ସରକାରୀ ପ୍ରଶାସନ ଅପରାଧୀ ମାନଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ । ଗୁଣ୍ଡା, ବଦମାସ୍ ମାନେ ବିନା ଦ୍ୱିଧାରେ ବାହାରେ ବୁଲୁଛନ୍ତି । ସରକାରଙ୍କ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଗୁଣ୍ଡା ବଦମାସ୍ ପ୍ରତି କୋହଳ ମନୋଭାବ ପ୍ରଦର୍ଶନ କାରଣରୁ ଆଜି ଖଡ଼ିଆଳ ଠାରେ ସମଗ୍ର ହିନ୍ଦୁ ସମାଜ ତରଫରୁ ପ୍ରତିବାଦର ସଭା ଓ ଶୋଭାଯାତ୍ରା କରାଯାଇ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରେରଣ କରାଗଲା । ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ଅଧିକାରୀ ପୁଷ୍ପମ ସୁନାନୀ, ପୂର୍ବତନ ବିଧାୟକ ହିତେଶ ବଗର୍ତି, ହିନ୍ଦୁ ସମାଜର ନେତୃବୃନ୍ଦ ଜଗବନ୍ଧୁ ବାରିକ, ସଞ୍ଜୟ କୁମାର ତିୱାରି, ପ୍ରଦୀପ ତ୍ରୀବେଦୀ, ସୋମେଶ ପଟ୍ଟନାୟକ, ଯାଦବ ସମାଜ ସଭାପତି ସୁଜୁ ବାଗ, ଆରଏସଏସର ବିନୋଦ କୁମାର ଅଗ୍ରୱାଲ, ସୁରେଶ ହଟୱାର, ଦିଲ୍ଲୀପ ତ୍ରିବେଦୀ, ବିଜେପି ନେତା ଅଜିତ କୁମାର ଚଲାନ, ହିନ୍ଦୁ ଜାଗରଣ ମଂଚର ଚିତରଞ୍ଜନ ମହାପାତ୍ର, ବଜରଙ୍ଗ ଦଳ ପ୍ରମୁଖ ସୌମ୍ୟ ରଞ୍ଜନ ସିଂହ ଓ ବହୁ ସଂଖ୍ୟାରେ ହିନ୍ଦୁ ସମାଜର ଲୋକ ତଥା ବଜରଙ୍ଗ ଦଳ କର୍ମୀମାନେ ଯୋଗ ଦେଇଥିଲେ । ଶୋଭାଯାତ୍ରା ସମଲେଶ୍ୱରୀ ମନ୍ଦିର ଠାରୁ ଆରମ୍ଭ ହୋଇ ବ୍ଲକ ଅଫିସ ପର୍ଯ୍ୟନ୍ତ ପହଂଚି ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀରସେନ ବେହେରାଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା ।

ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ସମ୍ବର୍ଦ୍ଧିତ

ନୂଆପଡ଼ା, ୨୫/୦୪ (ନି.ପ୍ର): ଓଡ଼ିଶାର ସଂଭ୍ରାନ୍ତ ସାହିତ୍ୟ ପତ୍ରିକା 'ଶ୍ୱେତ ସଂକେତ ' ତରଫରୁ ଗାଳ୍ପିକ ଗୌରାଙ୍ଗ କୁମାର ସାହୁଙ୍କୁ ଚଳିତ ବର୍ଷ ପାଇଁ ' ଶ୍ୱେତ ସଂକେତ ଗଳ୍ପ ସମ୍ମାନ' ପ୍ରଦାନ କରାଯାଇଛି । ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ଶ୍ୱେତ ସଂକେତର ୩୫ତମ ସାରସ୍ୱତ ସମାବର୍ତନ ସମାରୋହରେ ଶ୍ରୀଯୁକ୍ତ ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ସଂପ୍ରତି ଗାଳ୍ପିକ ଗୌରାଙ୍ଗ କୁମାର ସାହୁ ଖଡ଼ିଆଳ ସ୍ଥିତ ରାଜା ଆର୍ତତ୍ରାଣ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକତା କରୁଛନ୍ତି । ସେ ଓଡ଼ିଶାର ସର୍ବପୁରାତନ ସାହିତ୍ୟାନୁଷ୍ଠାନ ଖଡ଼ିଆଳ ସାହିତ୍ୟ ସମିତିର ସଂପାଦକ ତଥା ଅନ୍ୟାନ୍ୟ ଅନୁଷ୍ଠାନ ମାନଙ୍କର ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ରହି ସାରସ୍ୱତ ସାଧନାରେ ବ୍ରତୀ ଅଛନ୍ତି । ଶ୍ରୀଯୁକ୍ତ ସାହୁଙ୍କର ଗଳ୍ପ ସଂକଳନ କଥାରେ କଥାରେ ଓ କବିତା ସଂକଳନ ସମୟର ସରହଦ ପ୍ରକାଶିତ ହୋଇ ବହୁ ପାଠକୀୟ ଆଦୃତି ଲାଭ କରିଛି ।

ସୋରିଆସିସ୍ ରୋଗ ସଚେତନତା ଓ ସ୍ୱାସ୍ଥ୍ୟ ଶିବିର

ଗଞ୍ଜାମ, ୨୫/୦୪ (ନି.ପ୍ର): ବ୍ରହ୍ମପୁର ହରିହର ନଗର ପ୍ରଥମ ସାରଣୀ ସ୍ଥିତ ହରିହର ଭେଟ ମନ୍ଦିର ପ୍ରାଙ୍ଗଣରେ ସୋରିଆସିସ୍ ରୋଗ ସଚେତନତା ଓ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭରଦ୍ୱାଜ ପ୍ରତିଷ୍ଠାନର ଅଧ୍ୟକ୍ଷ ଡା.ନକୁଳ ସାହୁ ଉପସ୍ଥିତ ରହି ସୋରିଆସିସ୍ ରୋଗ ସମ୍ବନ୍ଧରେ ସଚେତନ କରିଥିଲେ । ବର୍ତମାନ ଯୁବକଙ୍କ ଠାରୁ ବୃଦ୍ଧ ଯାଏଁ ଏକ ଚିରସ୍ଥାୟୀ ଚର୍ମ ରୋଗ ସଂକ୍ରମଣ ହେଉଛି । ପ୍ରଥମେ ସନ୍ଧି ସ୍ଥାନ ଅଙ୍ଗୁଳିରେ ଯାଦୁ ପରି ଚକା ଚକା ହେଉଛି, ପ୍ରବଳ କୁଣ୍ଡାଇ ହେଉଛି, ଔଷଧ ଲଗାଇଲେ ସେହି ସ୍ଥାନ ଛାଡି ତା ଚାରିପାଖ ବଢୁଛି, ଯେକୌଣସି ଔଷଧ ଖାଇଲେ ଲଗାଇଲେ କମୁଛି କିନ୍ତୁ ଦୁଇଦିନ ଛାଡି ଦେଲେ ପୁଣି ବଢୁଛି । ଏଲୋପାଥିକ ଔଷଧ ନିର୍ଦ୍ଧାରିତ ସମୟ ଠାରୁ ଅଧିକ ଦିନ ଖାଇଲେ, ଅରୁଚି ଭ୍ରମ, ଅମ୍ଳପିତ ହେଉଛି ତେଣୁ ଏହାର ପ୍ରାକୃତିକ ଚିକିତ୍ସା କରନ୍ତୁ । ରସ ମାଣିକ୍ୟ, ବାକୁଚି ବୃର୍ଣ୍ଣ କିଛିଦିନ ରୋଗ ବଳ ଅନୁସାରେ ଡାକ୍ତରଙ୍କ ପରାମର୍ଶରେ ଖାଇଲେ, ଚିତାପାରୁ ମୂଳ ଓ ଜଡାମଞ୍ଜି ଲଗାଇଲେ କମୁଛି । ଏହା ଦୀର୍ଘ ଦିନ ଖାଇବାକୁ ଡା. ସାହୁ ପରାମର୍ଶ ଦେଇଥିଲେ । ମିଠା, ଖଟା, କଫ କାରକ ଖାଦ୍ୟ, ମାନସିକ ଚାପ ଛାଡିବା ଉଚିତ । ଲୁଗା ସଫା ରଖିବେ । ନିୟମିତ ଔଷଧ ଖାଇବେ, ଅବହେଳା କଲେ ସାରା ଶରୀର ବିକୃତ ଚର୍ମ ହୋଇଯାଉଛି । କୁଣ୍ଡାଇଲେ ଧଳା ଚର୍ମ ବାହାରୁଛି ।

ଏହି ଅବସରରେ ରୋଗୀଙ୍କ ରକ୍ତଚାପ, ରକ୍ତ ଶର୍କରା, ଗଣ୍ଠିବାତ, ସ୍ନାୟୁ ରୋଗ, ଅମ୍ଳପିତ, ସ୍ତ୍ରୀରୋଗ ଆଦି ବିଭିନ୍ନ ରୋଗର ପରୀକ୍ଷା କରି ଚିକିତ୍ସା ପରାମର୍ଶ ଓ ଔଷଧ ବିତରଣ କରାଯାଇଥିଲା । ଶିବିରର ପରିଚାଳନାରେ ଡି. ଶ୍ରୀନିବାସ ରାଓ, ଗଣେଶ ପ୍ରସାଦ ପରିଛା ଓ ମନ୍ଦିର କମିଟି ସଭ୍ୟ ସଭ୍ୟା ସହଯୋଗ କରିଥିଲେ । ଏହି ଶିବିର ପ୍ରତି ସୋମବାରେ ଅନୁଷ୍ଠିତ ହୁଏ । ସମସ୍ତେ ଏହାର ସୁଯୋଗ ନେବାକୁ ମନ୍ଦିର କମିଟି ଅନୁରୋଧ କରିଛନ୍ତି ।

ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ କାଗଜ କଳ ଶ୍ରମିକମାନଙ୍କ ଗୁହାରି

ଜୟପୁର, ୨୫/୦୪ (ନି.ପ୍ର): କୋରାପୁଟ ଜିଲ୍ଲାପାଳ ଜୟପୁର ଉପ ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ରଖିଥିଲେ । ଏଥିରେ କାଗଜ କଳର ମୃତ ଶ୍ରମିକଙ୍କ ବିଧବା ପତ୍ନୀ ଓ ପରିବାର ସଦସ୍ୟ, ଅବସରପ୍ରାପ୍ତ ଶ୍ରମିକ,ସ୍ଥାୟୀ ଶ୍ରମିକ, ଠିକା ଶ୍ରମିକଙ୍କ ସହ ସିକ୍ୟୁରିଟି ଗାର୍ଡ ମାନେ ଯୋଗଦେଇ ଅଭିଯୋଗ ଦାୟର କରିଥିଲେ । ଜିଲ୍ଲାପାଳ ଆସିବା ଅଧିକ ବିଳମ୍ବ ହେବାରୁ ଅତିରିକ୍ତ ଜିଲ୍ଲାପାଳ ଶୁଣାଣି ଆରମ୍ଭ କରିଥିଲେ । କାଗଜ କଳ ର ସମସ୍ତ ଙ୍କ ପକ୍ଷରୁ ଅଭିଯୋଗ ରଖି କୁହାଯାଇଥିଲା ଯେ ମୃତ ଶ୍ରମିକଙ୍କ ପରିବାର ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ପି ଏଫ୍, ପେନସନ ସମସ୍ୟା ଆଜି ପର୍ଯ୍ୟନ୍ତ ସମାଧାନ ହୋଇପାରିଲା ନାହିଁ ଯଦିଓ ଜିଲ୍ଲା ପାଳ ନିଜେ ମାର୍ଚ୍ଚ ମାସ ସୁଦ୍ଧା କରେଇବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଯେଉଁ ଶ୍ରମିକ ମାନେ ଅବସର ନେଇଛନ୍ତି କିନ୍ତୁ ପୁନଃ କାମରେ ନିଯୁକ୍ତି ମିଳି ନାହିଁ ସେମାନଙ୍କ ଅବସ୍ଥା ଅତି ଗୁରୁତର । ଏଣୁ ସମସ୍ତ ଅବସରପ୍ରାପ୍ତ ଶ୍ରମିକ ଓ ମୃତ ଶ୍ରମିକଙ୍କ ପରିବାରକୁ ସେମାନଙ୍କ ପି ଏଫ୍,ଗ୍ରାଚ୍ୟୁଇଟି , ବକେୟା ପାଉଣା ଆଦି ଦେବା ପାଇଁ ଦାବି କରାଯାଇଛି । ସ୍ଥାୟୀ ଶ୍ରମିକ ମାନଙ୍କୁ ଅଧା ଦରମା ଅଗ୍ରୀମ ଆକାରରେ ଦେଉଛି ଏବଂ ସେଥିରୁ ବହୁତ କମ୍ ପିଏଫ ପାଣ୍ଠି କୁ ଯାଉଛି । ଏହା ଦ୍ୱାରା ଶ୍ରମିକ ମାନେ ଅନେକ କ୍ଷତି ସହିବାକୁ ପଡୁଛି । ବର୍ତମାନ କାଗଜ କଳ ର ଦୁଇଟି ଯାକ ମେସିନ୍ ଠିକ୍ ଭାବେ ଚାଲୁଛି କିନ୍ତୁ ଙ୍କଚାମାଲ କେମିକାଲ କୋଇଲା ଅଭାବ ରୁ ଅଧିକାଂଶ ଦିନ ଉତ୍ପାଦନ ବନ୍ଦ ରହୁଛି । ଏହି କାରଖାନା କୁ ଚଲେଇବା ପାଇଁ ନୂଆ କମ୍ପାନୀ ୧୫୦ କୋଟି ଟଙ୍କା ଇଣ୍ଡସ୍ ଇଣ୍ଡ୍ ବ୍ୟାଙ୍କ ରୁ ଋଣ ନେଇଛି ଏବଂ ଫିନକ୍ୱଷ୍ଟ୍ ଫାଇନାନ୍ସ ରୁ ଆଠ କୋଟି ଟଙ୍କା ଋଣ ନେଇଛି କିନ୍ତୁ ତା'ର ହରିଲୁଟ୍ ଯୋଗୁଁ କାରଖାନା ର ଶ୍ରମିକ ମାନେ ଆଜି ହନ୍ତସନ୍ତ ହେଉଛନ୍ତି । ଶ୍ରମିକ ମାନଙ୍କୁ ୨/୩ ମାସ ଧରି ଅଧା ଦରମା ମଧ୍ୟ ମିଳୁନାହିଁ କିନ୍ତୁ କାଗଜ ବିକ୍ରି ହେଉଛି, ସେହି ପରି ଠିକା ଶ୍ରମିକ ସେକ୍ୟୁରିଟୀ ଗାର୍ଡ ମାନେ ୪/୫ ମାସ ହେଲା ଦରମା ପାଇନାହାନ୍ତି । ଏସବୁ ଅଭିଯୋଗ ଶୁଣିବା ପରେ ଅତିରିକ୍ତ ଜିଲ୍ଲାପାଳ ପନ୍ଦର ଦିନ ମଧ୍ୟରେ ଡି ଏଲ୍ ସି ଯାଇ ଅନୁଧ୍ୟାନ କରିବା ପାଇଁ କହିଛନ୍ତି ।

ଶ୍ରମିକ ମାନଙ୍କ ସମସ୍ୟା ଆଲୋଚନା ପରେ ଜିଲ୍ଲାପାଳ ନିଜେ ଆସି ପହଂଚିଲେ । ସେତେବେଳେ କମ୍ପାନୀ ସେକ୍ୟୁରିଟି ଗାର୍ଡ ମାନେ ଯାଇ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଗୁହାରି ଜଣାଇଲେ । ପାଂଚ ମାସ ହେଲା ଦରମା ପାଇନଥିବା ଅଭିଯୋଗ କରିବା ପରେ ଅତି ନିଷ୍ଠୁର ଭାବେ ଜିଲ୍ଲାପାଳ କହିଲେ ଦରମା ନଦେଲେ କାମକୁ କାହିଁକି ଯାଉଛ ? ଏକଥା ଶୁଣି ସମସ୍ତେ ହତବାକ୍ ହୋଇଗଲେ । ଜିଲ୍ଲାପାଳ ସମ

ବୟସ ବ୍ୟବଧାନ ଯୋଗୁଁ କପଲଙ୍କ ମଧ୍ୟରେ ହୋଇଥାଏ କି କଳି ? ଜାଣନ୍ତୁ ଏହା କେତେ ଭଲ ଓ କେତେ ଖରାପ

ମୁଦ୍ରାର ଦୁଇ ପାର୍ଶ୍ୱ ପରି ସ୍ୱାମୀ-ସ୍ତ୍ରୀଙ୍କ ସମ୍ପର୍କ ହୋଇଥାଏ । ବେଳେବେଳେ ଏଥିରେ ଦୁଃଖ ଥାଏ, ବେଳେବେଳେ ସୁଖ ଥାଏ ଏବଂ ବେଳେବେଳେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଖଟା-ମିଠା ଯୁକ୍ତି ମଧ୍ୟ ରହିଥାଏ। ବିବାହ ଏବଂ ସ୍ୱାମୀ-ସ୍ତ୍ରୀ ସମ୍ପର୍କ ସମ୍ବନ୍ଧୀୟ ଅନେକ ଜିନିଷ ଜ୍ୟୋତିଷ ଶାସ୍ତ୍ରରେ ଉଲ୍ଲେଖ କରାଯାଇଛି। ବୟସ ବ୍ୟବଧାନ ସେମାନଙ୍କ ମଧ୍ୟରୁ ଗୋଟିଏ। ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ଯଦି ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ବୟସ ବ୍ୟବଧାନ ଅଧିକ, ଅର୍ଥାତ୍ ବୟସ ବ୍ୟବଧାନ ଅଧିକ ରହିଥାଏ, ତେବେ ସମ୍ପର୍କ ମଧ୍ୟରେ ଦୁଃଖ ଜନ୍ମ ହୁଏ ଏବଂ ଧୀରେ ଧୀରେ ମତଭେଦ ହୁଏ। ଜ୍ୟୋତିଷ ଶାସ୍ତ୍ର ବିଶେଷଜ୍ଞ କହିଛନ୍ତି ଯେ ଯଦି ବୟସ ବ୍ୟବଧାନ ଆବଶ୍ୟକତାଠାରୁ ଅଧିକ, ତେବେ ସାଧାରଣ ଅପେକ୍ଷା ସମ୍ପର୍କ ମଧ୍ୟରେ ଉତ୍ଥାନ-ପତନ ଦେଖିବାକୁ ମିଳିବ। ଏହା ପଛର କାରଣ ହେଉଛି ଗ୍ରହ ଏବଂ ବ୍ୟକ୍ତିର ମାନସିକତା। ପ୍ରଥମେ, ଗ୍ରହମାନଙ୍କର ଖେଳକୁ ବ୍ୟାଖ୍ୟା କରାଯାଇଛି।

♦ କ'ଣ ଘଟେ ଯେ ଯେତେବେଳେ ବୟସ ବ୍ୟବଧାନ ଅଧିକ ହୁଏ, ଏହା ଗ୍ରହ ଏବଂ ନକ୍ଷତ୍ର ମଧ୍ୟରେ ଥିବା ପାର୍ଥକ୍ୟକୁ ମଧ୍ୟ ପ୍ରଭାବିତ କରିଥାଏ। ତାହା ହେଉଛି, ଯଦି ଝିଅ ଏବଂ ପୁଅର ଗ୍ରହ ନକ୍ଷତ୍ରଗୁଡିକ ମିଳିତ ହୁଏ, କିନ୍ତୁ ଗ୍ରହମାନେ ରାଶିଫଳରେ ପରସ୍ପରଠାରୁ ବହୁ ଦୂରରେ, ତେବେ ଏହା ଅତ୍ୟନ୍ତ ଖରାପ।

♦ ଏହାର ଅର୍ଥ ହେଉଛି ଆଡଜଷ୍ଟ କରିବାକୁ ବହୁତ ପରିଶ୍ରମ କରିବାକୁ ପଡ଼ିପାରେ କିମ୍ବା ଏହା ମଧ୍ୟ ହୋଇପାରେ ଯେ ଆଦୌ ସମନ୍ୱୟ ହୁଏନାହିଁ। ତଥାପି,ଏହା ସମ୍ପୂର୍ଣ୍ଣ ରୂପେ ପୁଅ ଏବଂ ଝିଅର ରାଶିଫଳ ଏବଂ ଗ୍ରହମାନଙ୍କର ସ୍ଥିତି ଉପରେ ନିର୍ଭର କରେ।

♦ ଯଦି ରାଶିରେ ଥିବା ଗ୍ରହଗୁଡିକ ସଠିକ୍ ଏବଂ ପୁଅ ଏବଂ ଝିଅର ଗ୍ରହଗୁଡ଼ିକ ମେଳ ଖାଉଛନ୍ତି, ତେବେ ବୟସ ବ୍ୟବଧାନରେ କିଛି ଫରକ ପଡ଼ିବ ନାହିଁ। ଏହି ପରିସ୍ଥିତିରେ, ବୟସର ପାର୍ଥକ୍ୟ ପରେ ମଧ୍ୟ ପ୍ରେମ ଏବଂ ସୁଖ ଦାମ୍ପତ୍ୟ ଜୀବନରେ ରହିଥାଏ ଏବଂ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସମନ୍ୱୟ ମଧ୍ୟ ଭଲ ରୁହେ।

♦ ବର୍ତ୍ତମାନ ମାନସିକତାକୁ ଆସିବା, ଏଠାରେ ମାନସିକତାର ଅର୍ଥ ହେଉଛି ଚିନ୍ତା। ଅନେକ ଥର ଏହା ଦାମ୍ପତ୍ୟ ଜୀବନରେ ଘଟିଥାଏ। ଯାହା ଜୀବନ ସାଥୀ ଅନୁଭବ କରିବାକୁ ଲାଗେ ଯେ ସେ ବୟସ୍କ ଅଧିକ ହେବାରୁ ତା'ହେଲେ ସେ ତାଙ୍କ ସାଥୀ ଅପେକ୍ଷା ଦୁନିଆକୁ ଅଧିକ ବୁଝିପାରନ୍ତି, ଯାହା ଝଗଡା ହେବାର ଗୋଟିଏ ମୁଖ୍ୟ କାରଣ।

♦ ଏହା ବ୍ୟତୀତ, ଏହା ମଧ୍ୟ ହୋଇପାରେ ଯେ ଉଚ୍ଚ ବୟସ ବ୍ୟବଧାନ ହେତୁ ଜୀବନଯାପନ, ଖାଇବା, ଉଠିବା, ବସିବା, ଚିନ୍ତା କରିବା ଏବଂ ପ୍ରତିକ୍ରିୟା କରିବା ସମ୍ପୂର୍ଣ୍ଣ ବିପରୀତ ହୋଇପାରେ। ଏଭଳି ପରିସ୍ଥିତିରେ ପରସ୍ପରର ମତ ଗ୍ରହଣ ନକରିବା ଦ୍ୱାରା ବିବାଦ ସୃଷ୍ଟି ହୁଏ ଏବଂ ମାମଲା ଝଗଡା ପର୍ଯ୍ୟନ୍ତ ପହଞ୍ଚେ।

♦ ତେଣୁ ଏହିପରି ଭାବରେ ଗ୍ରହ ଗ୍ରହର ପ୍ରଭାବ ଏବଂ ମାନସିକତା ହେତୁ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ମତଭେଦର କାରଣ ହୋଇପାରେ। ତଥାପି, ବେଳେବେଳେ ପ୍ରେମ ସମସ୍ତ ବାଧାବିଘ୍ନକୁ ଅତିକ୍ରମ କରେ। ତା'ପରେ ଏହା ମାନସିକତା ହେଉ କି ଗ୍ରହମାନଙ୍କର ପ୍ରଭାବ। ପ୍ରେମର ସାମ୍ନାରେ ସବୁକିଛି ମଳିନ ହୁଏ।

ବିବାହିତ ମହିଳାମାନେ ସିନ୍ଦୁର ଲଗାଇବା ସମୟରେ ଆପଣାନ୍ତୁ ଏହି ଉପାୟ; ବଢିବ ସ୍ୱାମୀଙ୍କ ଆୟୁଷ, ମିଳିବ ଐଶ୍ୱର୍ଯ୍ୟ

ହିନ୍ଦୁ ଧର୍ମରେ ଅନେକ ପ୍ରଥା ପରମ୍ପରା ଏବଂ ରିତିନିତି ରହିଛି । ଯାହାକୁ ସମସ୍ତେ ସମ୍ମାନର ସହ ପାଳନ କରନ୍ତି। ତେବେ ଏହି ଧର୍ମରେ ୧୬ ଶୃଙ୍ଗାର ବିଷୟରେ ମଧ୍ୟ ଉଲ୍ଲେଖ ରହିଛି । ଯାହାକି ଜଣେ ବିବାହିତ ସଧବା ନାରୀ ପାଇଁ ବହୁତ ମହତ୍ୱପୂର୍ଣ୍ଣ ହୋଇଥାଏ । କାରଣ ଏହି ୧୬ ଶୃଙ୍ଗାର ଜଣେ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହ ତାକୁ ସୌଭାଗ୍ୟବତୀ ମଧ୍ୟ କରାଇଥାଏ । ତେବେ ଏହି ୧୬ ଶୃଙ୍ଗାର ମଧ୍ୟରୁ ଶଙ୍ଖା, ସିନ୍ଦୁର, ମଙ୍ଗଳସୂତ୍ର ଆଦି ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । କାରଣ ହିନ୍ଦୁ ଧର୍ମରେ ଏହା ଜଣେ ବିବାହିତ ସଧବା ନାରୀର ପରିଚୟ ହୋଇଥାଏ । ଏଥିସହିତ ଜଣେ ଝିଅ ବିବାହପରେ ପ୍ରତିଦିନ ସିନ୍ଦୁର ପିନ୍ଧିବା ଦ୍ୱାରା ତା ସ୍ୱାମୀର ଆୟୁଷ ବଢିଥାଏ ଏବଂ ତାଙ୍କୁ ସବୁ କା ର୍ଯ୍ୟରେ ସଫଳତା ମଧ୍ୟ ମିଳିଥାଏ । କିନ୍ତୁ କିଛି ମହିଳା ଭୁଲ ଉପାୟରେ ସିନ୍ଦୁର ପରିଧାନ କରିଥାନ୍ତି । ଯାହାକି ତାଙ୍କ ସ୍ୱାମୀଙ୍କ ପାଇଁ ବିପଦ ଆଣିଥାଏ । ତେଣୁ ସିନ୍ଦୁର ଲଗାଇବାର ମଧ୍ୟ କିଛି ଉପାୟ ରହିଛି ଆସନ୍ତୁ ଜାଣିବା ସେହି ସମ୍ପର୍କରେ...

ସିନ୍ଦୁର ଲଗାଇବାର ସଠିକ୍ ଉପାୟ:

♦ ହିନ୍ଦୁ ଧର୍ମରେ ମହିଳାମାନେ ନିଜ ସ୍ୱାମୀଙ୍କ ଦୀର୍ଘ ଜୀବନ ପାଇଁ ସିନ୍ଦୁର ପରିଧାନ କରିଥାନ୍ତି । ସେଥିପାଇଁ ସିନ୍ଦୁର ଲଗାଇବା ସମୟରେ ସିନ୍ଦୁରର ରେଖା ସବୁବେଳେ ଲମ୍ବା ହେବା ଉଚିତ ।

♦ ବିବାହିତ ମହିଳାମାନେ ସର୍ବଦା ମନେ ରଖିବା ଉଚିତ୍ ଯେ ସିନ୍ଦୁର ପରିଧାନ ସମୟରେ ନାକ ମଝିରୁ ସିନ୍ଦୁର ସର୍ବଦା ଭରିବା ଉଚିତ୍ ।

♦ ବିବାହିତ ମହିଳାମାନେ ନିଜେ କିଣିଥିବା ସିନ୍ଦୁର ପ୍ରୟୋଗ କରିବା ଉଚିତ୍, ଅନ୍ୟ କାହାଠାରୁ ଆଣି ସିନ୍ଦୁର ପ୍ରୟୋଗ କରିବା ଉଚିତ୍ ନୁହେଁ । କାରଣ ଏହାକୁ ଅଶୁଭ ବୋଲି ବିବେଚନା କରାଯାଏ ।

♦ ବିବାହିତ ମହିଳାମାନେ ଧ୍ୟାନ ରଖିବା ଦରକାର ଯେ, ସ୍ନାନ ପରେ ତୁରନ୍ତ ସିନ୍ଦୁର ପରିଧାନ କରାଯିବା ଉଚିତ୍ ନୁହେଁ । ଯଦି ଆପଣ କେଶ ଧୋଇଛନ୍ତି, ତେବେ ସେଗୁଡ଼ିକୁ ଭଲ ଭାବରେ ଶୁଖାନ୍ତୁ, କେବଳ ସେତେବେଳେ ସିନ୍ଦୁର ପ୍ରୟୋଗ କରନ୍ତୁ ।

♦ କପାଳରେ ସିନ୍ଦୁର ଲଗାଇବା ପରେ ଏହା କେଶରୁ କେବେବି ଲୁଚି ରହିବା ଉଚିତ୍ ନୁହେଁ । ବିଶ୍ୱାସ କରାଯାଏ ଯେ ଏହା କରିବା ଦ୍ୱାରା ତାଙ୍କ ସ୍ୱାମୀ ତାଙ୍କଠାରୁ ଦୂରେଇ ଯାଆନ୍ତି ଏବଂ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ବିବାଦ ଦେଖାଦେଇଥାଏ ।

ରାତିରେ ଭଲ ନିଦ ହେଉନାହିଁ କି ? : ଏହି ଜୁସ୍ ପିଇଲେ ଦୂର ହେବ ସମସ୍ୟା

ଆପଣ ଜାଣନ୍ତି ଯେ ଭଲ ନିଦ ହେଉଛି ମାନେ ଆପଣ ସୁସ୍ଥ ଅଛନ୍ତି। ଜଣେ ବ୍ୟକ୍ତିକୁ ଯଦି ଠିକ୍ ଭାବେ ନିଦ୍ରା ହେଉଛି ତେବେ ଆମେ ନିଶ୍ଚିତ ହୋଇଯିବା ଉଚିତ ଯେ ବ୍ୟକ୍ତି ଜଣକ ସଂପୂର୍ଣ୍ଣ ସୁସ୍ଥ ଅଛନ୍ତି। ମନେରଖନ୍ତୁ ଉତ୍ତମ ନିଦ୍ରା ଅର୍ଥାତ ଅତିରିକ୍ତ ନିଦ ନୁହେଁ। ନିଦ୍ରାର ଏକ ପରିସୀମା ବି ରହିଛି। ଅଧିକ ନୁହେଁ, କି କମ୍ ନୁହେଁ। ତାହାଲେ ଯାଇ ଆମେ କହିବା ଉତ୍ତମ ନିଦ୍ରା। ଆଜିକାଲି ଅଧିକାଂଶ ବ୍ୟକ୍ତିଙ୍କ ଭିତରେ ଅନିଦ୍ରା ସମସ୍ୟା ଦେଖା ଦେଉଛି। ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ନିଦ୍ରା ଆସୁ ନାହିଁ। ମାତ୍ର ଆମେ ଆଜି ଯେଉଁ ଜୁସ୍ ସଂପର୍କରେ ବତାଇବୁ ତାହାକୁ ପିଇଲେ ନିଦ୍ରା ପୂରା ଶିଶୁଙ୍କ ପାରି ଘାରିବ।
ଜାଣିରଖନ୍ତୁ ଯେ ଚେରି ଜୁସ୍ ନିଦ ପାଇଁ ଖୁବ୍ ଭଲ। ଏହି ଜୁସ୍ କେବଳ ନିଦ ନୁହେଁ, ବରଂ ଆପଣଙ୍କ ଶରୀରର ଅନେକ ସମସ୍ୟାର ସମାଧାନ କରିପାରେ। ସୁଠାରୁ ଭଲ କଥା ହେଲା ଏହି ଜୁସ୍‌ର କୌଣସି ପାର୍ଶ୍ୱ ପ୍ରଭାବ ନାହିଁ। ନୂଆ କରି ହୋଇଥିବା ଏକ ଗବେଷଣାରୁ ଜାଣିବାକୁ ମିଳିଛି ଯେ ଯେଉଁ ବ୍ୟକ୍ତିମାନେ ଚେରି ଜୁସ୍ ପିଇ ଖଟକୁ ଯାଉଛନ୍ତି ସେମାନଙ୍କୁ ୮୪ ମିନିଟ୍ ମଧ୍ୟରେ ନିଦ୍ରା ଗ୍ରାସ କରୁଛି। ମନେ ରଖନ୍ତୁ, ଗୋଟାଏ ଗ୍ଲାସ୍‌ରୁ ଅଧିକ ଜୁସ୍ ପିଇବେ ନାହିଁ। ଗୋଟାଏ ଗ୍ଲାସ୍ ଜୁସ୍ ହେବା ପାଇଁ ଯେତିକି ପରିମାଣର ଚେରି ଓ ପାଣି ଆବଶ୍ୟକ ଆପଣ ତାହାକୁ ମିଶ୍ରଣ କରି ଜୁସ୍ ପ୍ରସ୍ତୁତ କରନ୍ତି। ରାତ୍ରୀ ଭୋଜନ କରିବା ପରେ ସେହି ଜୁସ୍‌କୁ ପିଇକି ଶୁଅନ୍ତୁ। ଦେଖିବେ ଆପଣଙ୍କର ନିଦ୍ରହୀନତା ସମସ୍ୟା କୁଆଡ଼େ ଚାଲିଯିବ।

ଆଇରନ୍ କିମ୍ବା ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ସହ ପିଅନ୍ତୁ ନାହିଁ ଚା': ଉପୁଜିପାରେ ଅନେକ ସମସ୍ୟା

ପ୍ରାୟତଃ ଲୋକେ ନିଜ ଦିନର ଆରମ୍ଭ ଚା' କିମ୍ବା କପେ କଫିରୁ କରିଥାନ୍ତି। ସେମାନଙ୍କୁ ଏହା ଫୂର୍ତ୍ତି ତଥା ସତେଜ ଅନୁଭବ କରାଇଥାଏ । କିଛି ଲୋକ ଚା' ସହିତ ଅନେକ ଜିନିଷ ଖାଇଥାନ୍ତି। କିନ୍ତୁ କିଛି ଜିନିଷ ଏମିତି ରହିଛି, ଯାହାକୁ ଚା' ସହିତ ଖାଇବା ଦ୍ୱାରା ତାହାର କୁ-ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଆଜି ଆମେ ଆପଣଙ୍କୁ ଜଣାଇବୁ, ଚା' ସହିତ କେଉଁ ଜିନିଷ ଖାଇବା ଦ୍ୱାରା ଶରୀରକୁ କ୍ଷତି ପହଞ୍ଚିଥାଏ। ଯଦି ଆପଣ ସକାଳ ସମୟରେ ଚା' ପିଉଛନ୍ତି। ତେବେ ତା' ସହିତ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଟେନିନ୍ ରହିଥାଏ, ଯାହାକି ଆଇରନ୍ ସଂସ୍ପର୍ଶରେ ଆସିବା ଭଲ ନୁହେଁ। ଏହା ଦ୍ୱାରା ଶରୀରରେ ଆଇରନ୍‌ର ମାତ୍ରା କମ୍ ହୋଇ ଯାଇଥାଏ। ଆଇରନ୍‌ଯୁକ୍ତ ଖାଦ୍ୟ ଶରୀର ପାଇଁ ଭଲ। କିନ୍ତୁ କେବେ ହେଲେ ଏହାକୁ ଚା' ସହିତ ଖାଆନ୍ତୁ ନାହିଁ। ଏପରି କଲେ ରକ୍ତହୀନତା ସହ ଅନେକ ସମସ୍ୟା ଦେଖା ଦେଇପାରେ। ଚା' ସହିତ ଅଣ୍ଡା, ପନିର କିମ୍ବା ଅନ୍ୟ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ ନାହିଁ। ଚା'ରେ ଥିବା ଟେନିନ୍ ପ୍ରୋଟିନ୍ ପାଇଁ ମଧ୍ୟ ଭଲ ନୁହେଁ। ଯାହାକି ଶରୀରକୁ କ୍ଷତି ପହଞ୍ଚାଇଥାଏ। ଚା'ର ସେବନ କରୁଥିଲେ ତା' ସହ ସବୁଜ ପରିବା ଖାଆନ୍ତୁ ନାହିଁ। ବ୍ରୋକ୍‌ଲି, ପୋଇ, ମୂଳା ଇତ୍ୟାଦି ପରିବାରେ ଭରପୂର ମାତ୍ରରେ ଆଇରନ ରହିଥାଏ। ଯାହାଦ୍ୱାରା ଚା' ସହିତ ଏହାକୁ ସେବନ କଲେ ଶରୀରରେ ରକ୍ତହୀନତା, ପାଚନ ସମ୍ବନ୍ଧିତ ସମସ୍ୟା, ପେଟରେ ଯନ୍ତ୍ରଣା ହେବା ଭଳି ସମସ୍ୟା ଦେଖା ଯାଇଥାଏ।

ବାଇଗଣ ଖାଉଥିଲେ ସାବଧାନ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରତ୍ୟେକ ବ୍ୟକ୍ତି ସୁସ୍ଥ ରହିବା ପାଇଁ ବିଭିନ୍ନ ଉପାୟ ଆପଣାଇଥାନ୍ତି । ଅନେକ ଲୋକ ସକାଳୁ ଯୋଗ ବ୍ୟାୟାମ୍ କରିବା ସହ ଡାଇଟ୍ କରୁଥିବାବେଳେ କିଛି ଲୋକ ସୁଷମ ଏବଂ ସତୁଜ ପନିପରିବା ସେବନ କରିଥାନ୍ତି । ତେବେ ଏହି ସବୁ ପନିପରିବା ମଧ୍ୟରୁ ଅନେକ ଲୋକେ ବାଇଗଣ ଖାଇବାକୁ ପସନ୍ଦ କରନ୍ତି । କାରଣ ଏହା ସବୁ ସମୟରେ ମିଳିଥାଏ । ଏଥିସହିତ ଶୀତଦିନେ ବାଇଗଣ ସେବନ କରିବାର ମଧ୍ୟ ଅନେକ ଫାଇଦା ଥାଏ । ଖାସ କରି ଏହା ବ୍ୟକ୍ତିର ମୋଟାପଣକୁ କମ୍ କରିବାରେ ସାହାଯ୍ୟ କରେ । ଏଥିସହିତ ବ୍ଲଡସୁଗାର ଏବଂ ହୃଦଘାତ ପରି ସମସ୍ୟାକୁ ମଧ୍ୟ ନିୟନ୍ତ୍ରଣ କରେ । ତେବେ ଏତେ ସବୁ ଫାଇଦା ପରେ ମଧ୍ୟ ଏପରି କିଛି ଲୋକ ଅଛନ୍ତି ଯେଉଁମାନଙ୍କୁ ବାଇଗଣ ସେବନ କରିବାକୁ ବାରଣ କରାଯାଇଥାଏ । ଯଦି ସେହି ବ୍ୟକ୍ତିମାନେ ବାଇଗଣ ସେବନ କରିନ୍ତି ତେବେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ । ବର୍ତ୍ତମାନ ଆସନ୍ତୁ ଜାଣିବା କେଉଁ ବ୍ୟକ୍ତିମାନେ ବାଇଗମ ସେବନ କରିବା ଉଚିତ୍ ନୁହେଁ ।

ଏହିସବୁ ବ୍ୟକ୍ତିଙ୍କୁ ବାରଣ ବାଇଗଣ ସେବନ:

ପେଟରେ ପଥୁରୀ ହୋଇଥିବା ବ୍ୟକ୍ତି: ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତରେ ଯେଉଁ ବୟକ୍ତିମାନଙ୍କ ପେଟରେ ପଥୁରୀ ହୋଇଥାଏ କିମ୍ବା ସେହି ସମସ୍ୟା ଥାଏ ତେବେ ସେହି ବ୍ୟକ୍ତିମାନେ ବାଇଗଣ ସେବନ କରିବା ଅନୁଚିତ୍ । କାରଣ ବାଇଗଣରେ ଅକ୍ସାଲେଟ୍ ନାମକ ଏକ ଉପାଦାନ ରହିଥାଏ । ଯାହାକି ପଥୁରୀ ସମସ୍ୟାକୁ ଆହୁରି ବଢାଇଦିଏ । ଫଳରେ ସେମାନଙ୍କୁ ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡେ । ତେଣୁ ଏହି ବ୍ୟକ୍ତିମାନେ ବାଇଗଣ ସେବନ କରିବା ଉଚିତ୍ ନୁହେଁ ।

ରକ୍ତହୀନତା ଥିବା ବ୍ୟକ୍ତି: ଯେଉଁମାନଙ୍କର ଶରୀରରେ ରକ୍ତର ଅଭାବ ଥାଏ, ବାଇଗଣ ଖାଇବା ମଧ୍ୟ ସେମାନଙ୍କ ପାଇଁ କ୍ଷତିକାରକ ହୋଇପାରେ । ଏହାର ସେବନ ଶରୀରରେ ଲୌହର ଅଭାବକୁ ଆହୁରି ବଢାଇ ଦେଇଥାଏ । ଯେଉଁ କାରଣରୁ ସମସ୍ୟା ହ୍ରାସ ହେବା ପରିବର୍ତ୍ତେ ସମସ୍ୟା ବଢିଯାଏ ।

କୌଣସି ପ୍ରକାରର ଆଲର୍ଜି: କୌଣସି ପ୍ରକାରର ଆଲର୍ଜିରେ ପୀଡିତ ବ୍ୟକ୍ତି ବାଇଗଣ ଖାଇବା ଠାରୁ ଦୂରେଇ ରହିବା ଉଚିତ୍। ବାଇଗଣରେ ଏପରି ଅନେକ ଉପାଦାନ ଅଛି, ଯାହା ଆଲର୍ଜି ସମସ୍ୟାକୁ ଆହୁରି ବଢାଇଥାଏ । ଏପରି ପରିସ୍ଥିତିରେ, ଯଦି ଚର୍ମ କିମ୍ବା ଅନ୍ୟ ପ୍ରକାରର ଆଲର୍ଜି ଥିବା ରୋଗୀ ବାଇଗଣ ସେବନ କରନ୍ତି ତା'ହେଲେ ତାଙ୍କର ସମସ୍ୟା ଅଧିକ ବଢିଯିବ । ତେଣୁ ଏପରି ବ୍ୟକ୍ତିମାନେ ବାଇଗଣ ସେବନ ଠାରୁ ଗୂରେଇ ରହିବା ଆବଶ୍ୟକ ।

ହଜମ ପ୍ରକ୍ରିୟାରେ ଅସୁବିଧା: ଯେଉଁମାନଙ୍କର ପେଟ ଜନିତ ସମସ୍ୟା କିମ୍ବା ହଜମ ପ୍ରକିୟାରେ ସମସ୍ୟା ଥାଏ ସେହିପରି ବ୍ୟକ୍ତିମାନେ ବାଇଗଣ ସେବନ ଠାରୁ ଦୂରେଇ ରହିବା ଉଚିତ୍ । କାରଣ ବାଇଗଣରେ ଏପରି କିଛି ଉପାଦାନ ରହିଛି ଯାହାକି ପେଟ ସମସ୍ୟା ଏବଂ ଗ୍ୟାସ ସମସ୍ୟାକୁ ବଢାଇଥାଏ । ଫଳରେ ଏଥିପାଇଁ ଆପଣଙ୍କୁ ମେଡିକାଲ ମଧ୍ୟ ଯିବାକୁ ପଡିପାରେ ।

ଆଖି ପୋଡାଜଳା:ଆଖି ପୋଡାଜଳା କରୁଥିବା ବ୍ୟକ୍ତିମାନେ ବାଇଗଣ ଭଜା କିମ୍ବା ଭର୍ତା ସେବନ କରିବା କ୍ଷତିକାରକ ହୋଇଥାଏ । କାରଣ ଏହା ଅଖି ଦରଜ ପୋଡା ଜଳା ସମସୟାକୁ ବଢାଇ ଦେଇଥାଏ । କିଛି କ୍ଷେତ୍ରରେ ବାଇଗମ ସେବନ କରିବା ଦ୍ୱାରା ବ୍ୟକ୍ତିର ଦୃଷ୍ଟି ଶକ୍ତି ମଧ୍ୟ କମ ହୋଇଯାଏ । ତେଣୁ ପେରି ସମସ୍ୟା ଥିବା ବ୍ୟକ୍ତିମାନେ ବାଓଇଗଣ ସେବନ ଠାରୁ ନିଜକୁ ଦୂରେଇ ରଖିବା ଉଚିତ୍ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ଆତଙ୍କବାଦ ଓ ଏସ୍‌ସିଓ...

ଗତ ସପ୍ତାହରେ କେନ୍ଦ୍ରଶାସିତ ଅଞ୍ଚଳ ଜାମ୍ମୁ-କାଶ୍ମୀରର ଜାମ୍ମୁ ଡିଭିଜନ ଅନ୍ତର୍ଗତ ପୁଞ୍ଚ-ରାଜୌରୀ କ୍ଷେତ୍ରରେ ଘଟିଗଲା ଏକ ଆତଙ୍କବାଦୀ ଆକ୍ରମଣ ଯେଉଁଥିରେ ପ୍ରାଣ ହରାଇଲେ ଭାରତର ପାଞ୍ଚ ଜଣ ବୀର ଯବାନ୍ । ଏହି ଘଟଣା ପୁଣିଥରେ ସ୍ମରଣ କରାଇ ଦେଇଛି ୨୦୧୯ ଅଗଷ୍ଟରେ ଏହି ରାଜ୍ୟକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ଧାରା ୩୭୦କୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିନେଇ ଏହାକୁ ଦୁଇଗୋଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ଆତଙ୍କବାଦର ହ୍ରାସକୁ ନେଇ ସରକାରୀ ଭାବରେ ନୂଆଦିଲ୍ଲୀ ନିୟମିତ ଭାବରେ କରି ଚାଲିଥିବା ଦାବି ଏବଂ ବାସ୍ତବରେ କ୍ଷେତ୍ରୀୟ ସ୍ତରରେ ଘଟୁଥିବା ଘଟଣା ମଧ୍ୟରେ ରହିଥିବା ଅନ୍ତରକୁ । ଉପରୋକ୍ତ ଘଟଣାରେ ସେନାର ଏକ ଟ୍ରକ୍ ଉପରେ ଆକ୍ରମଣ ହୋଇଥବା ବେଳେ ଗୁଳିଗୋଳା ଏବଂ ଗ୍ରେନେଡ୍ ମାଡ଼ରେ ରାଷ୍ଟ୍ରୀୟ ରାଇଫଲ, ଯାହା ଆତଙ୍କବାଦ–ବିରୋଧୀ କାର୍ଯ୍ୟାନୁଷ୍ଠାନ କରିବାକୁ ସେନାର ଏକ ବିଶେଷ ଅଂଶ ଭାବରେ ଗଠିତ ହୋଇଥିଲା, ତା'ର ପାଞ୍ଚ ଜଣ ଯବାନ୍ ପ୍ରାଣ ହରାଇ ଥିବା ବେଳେ ଆଉ ଜଣେ ଗୁରୁତର ଆହତ ହୋଇଛନ୍ତି । ଏହା ଯଦି ଏକ ଜଙ୍ଗଲ ଏବଂ ବିଶେଷକରି ଏକ ବିପଦପ୍ରବଣ କ୍ଷେତ୍ରରେ ସମ୍ପନ୍ନ କରାଯିବା ନିମନ୍ତେ ଆତଙ୍କବାଦୀମାନଙ୍କର ଏକ ଷଡ଼ଯନ୍ତ୍ରମୂଳକ ଆକ୍ରମଣ ଥିଲା, ଜାତୀୟ ତଦନ୍ତକାରୀ ଏଜେନ୍ସି ଏହି ମର୍ମନ୍ତୁଦ ଘଟଣାର ତଦନ୍ତ କାର୍ଯ୍ୟର ଭାର ନେଇଛି । ଆଗରୁ ମଧ୍ୟ ଏହି କ୍ଷେତ୍ରରେ କେତେକ ଦୃଷ୍ଟି ଆକର୍ଷଣକାରୀ ଘଟଣା ଘଟି ସାରିଛି । ୨୦୨୧ ଅକ୍ଟୋବର ମାସରେ ସାମ୍ପ୍ରତିକ ଘଟଣା ଘଟିଥିବା ଜଙ୍ଗଲ ଅଞ୍ଚଳରେ ସେନାର ନଅ ଜଣ ଯବାନ୍ ଆତଙ୍କବାଦୀମାନଙ୍କ କାର୍ଯ୍ୟାନୁଷ୍ଠାନରେ ପ୍ରାଣବଳି ଦେଇଥିଲେ । କେନ୍ଦ୍ରଶାସିତ ଅଞ୍ଚଳର ଏହି ଅଂଶ ପୀର ପାଞ୍ଜାଲ ପାର୍ବତ୍ୟ ପଥର କରିଡର ଭାବରେ ବିବେଚିତ ଯାହା କାଶ୍ମୀର ଉପତ୍ୟକାର ଦକ୍ଷିଣ ଭାଗକୁ ଯାଇଛି । ଏହା ବିଗତ ଦଶ ବର୍ଷ ଭିତରେ ନିୟମିତ ଭାବରେ ଆତଙ୍କବାଦୀମାନଙ୍କ କାର୍ଯ୍ୟକୁ ପ୍ରତ୍ୟକ୍ଷ କରିଛି, ଯଦିଓ ଧାରା ୩୭୦ ପ୍ରତ୍ୟାହାର କରି ନିଆଯିବା ପରେ କେନ୍ଦ୍ର ସରକାର ଦିଲ୍ଲୀରେ ବସି ଏହି ଅଞ୍ଚଳର ବାତାବରଣରେ ଯଥେଷ୍ଟ ପରିବର୍ତ୍ତନ ଘଟିଛି ବୋଲି ଦାବି କରିଥାନ୍ତି । ସମ୍ପ୍ରତି ଭାରତ ସରକାର ଜି୨୦ ଗୋଷ୍ଠୀର ଅଧ୍ୟକ୍ଷତା କରୁଛନ୍ତି । ଏହି ପରିପ୍ରେକ୍ଷୀରେ ତେଣୁ ଆସନ୍ତା ମାସରେ କାଶ୍ମୀରରେ ସରକାର ପର୍ଯ୍ୟଟନ ଉପରେ ରହିଥିବା ଜି୨୦ କାର୍ଯ୍ୟକାରୀ ଗୋଷ୍ଠୀର ଏକ ବୈଠକ ଅନୁଷ୍ଠିତ କରିବାକୁ ଯାଉଛନ୍ତି । ଆହୁରି ମଧ୍ୟ ମେ' ମାସରେ ଗୋଆଠାରେ ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ)ରେ ସାମିଲ ଥିବା ରାଷ୍ଟ୍ରମାନଙ୍କ ବିଦେଶ ମନ୍ତ୍ରୀମାନଙ୍କର ଏକ ବୈଠକ ଅନୁଷ୍ଠିତ କରାଯିବାକୁ ସ୍ଥିର ହୋଇଛି । ଏହି ବୈଠକରେ ପାକିସ୍ତାନର ବିଦେଶ ମନ୍ତ୍ରୀ ବିଲାୱଲ ଭୁଟ୍ଟା ଜଦ୍ଦାରୀ ଯୋଗ ଦେବା ନିମନ୍ତେ କାର୍ଯ୍ୟକ୍ରମ ସ୍ଥିର ହୋଇ ସାରିଛି । ଶେଷ ଥର ପାଇଁ ୨୦୧୬ରେ ପାକିସ୍ତାନର ବିଦେଶ ବ୍ୟାପାର ଉପରେ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶଦାତା ସରତାଜ୍ ଅଜିଜ୍ ଅମୃତସର ଆସିଥିଲେ ହାର୍ଟ ଅଫ୍ ଏସିଆ ସମ୍ମିଳନୀରେ ଯୋଗ ଦେବାକୁ । ସେ ସମୟରେ ଅତି ସାଧାରଣ ଭାବରେ ତାଙ୍କର ସ୍ୱାଗତ କରାଯାଇଥିଲା । ଏହା ପରେ ଭାରତ ଓ ପାକିସ୍ତାନ ମଧ୍ୟରେ ଉଚ୍ଚସ୍ତରୀୟ ଗସ୍ତ କାର୍ଯ୍ୟକ୍ରମ ବସ୍ତୁତଃ ଅନୁପସ୍ଥିତ ରହି ଆସିଛି । ଉଲ୍ଲେଖଯୋଗ୍ୟ ଯେ, ଏବେ ବି ଯେଉଁ ପାକ୍ ବିଦେଶ ମନ୍ତ୍ରୀଙ୍କର ଆସିବାର ଅଛି, ତାହା ଦ୍ୱିପାକ୍ଷିକ ଗସ୍ତ କାର୍ଯ୍ୟକ୍ରମ ନୁହେଁ । ଏସବୁ ଦୃଷ୍ଟିରୁ ତେଣୁ ପାକିସ୍ତାନ ପାଇଁ ତାଙ୍କର ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରିବାର କୌଣସି ଯଥାର୍ଥତା ନାହିଁ । ତେବେ ପ୍ରଶ୍ନ ହେଉଛି, ପାକ୍ ବିଦେଶ ମନ୍ତ୍ରୀଙ୍କ ଆଗମନକୁ ନେଇ ଭାରତ ଯେଉଁ ଦ୍ୱିପାକ୍ଷିକ ସମ୍ପର୍କର ପୁନରୁଦ୍ଧାର ବିଷୟରେ ଏବଂ ଯେଉଁଭଳି ଭାବରେ ତାଙ୍କ ସହିତ ଦ୍ୱିପାକ୍ଷିକ ସ୍ୱାର୍ଥ ଓ ଚିନ୍ତା ସମ୍ପର୍କରେ ଆଲୋଚନା କରିବାକୁ ଆଶା ରଖୁଲା, ପୁଞ୍ଚ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଭାରତ ତାହା କରିବାକୁ ଆଗ୍ରହ ପ୍ରକାଶ କରିବ କି ନାହିଁ । ଆଜିକା ସମୟରେ ମଧ୍ୟ ଦୁଇ ଦେଶ ମଧ୍ୟରେ ବ୍ୟବସାୟ ବାଣିଜ୍ୟ କାରବାରଠୁ ଆରମ୍ଭ କରି ଯାତ୍ରା କାର୍ଯ୍ୟକ୍ରମ ସ୍ଥଗିତ ରହିଛି ଏବଂ ଦୁଇ ଦେଶର ଉଚ୍ଚାୟୁକ୍ତଙ୍କ ପ୍ରତିନିଧିତ୍ୱ ନାହିଁ । ଏହା ସତ୍ତ୍ୱେ ୨୦୨୧ ଫେବ୍ରୁଆରୀ ମାସଠାରୁ ଦୁଇ ଦେଶ ଅସ୍ତ୍ର ବିରତି ଚୁକ୍ତିନାମା ପ୍ରତି ସମ୍ମାନ ପ୍ରଦର୍ଶନ କରି ଆସୁଛନ୍ତି ଏବଂ ପଛଦ୍ୱାର ଆଲୋଚନାଗୁଡ଼ିକରେ କୌଣସି ବିରତି ଦେଖା ଦେଇ ନାହିଁ । ତେଣୁ ଏକ ବିଗିଡ଼ି ଯାଇଥିବା ସମ୍ପର୍କରେ ଏହାକୁ ଏକ ଶୁଭ ସଙ୍କେତ ଭାବରେ ଗ୍ରହଣ କରାଯାଇପାରେ । ଏହା ଭିତରେ ଏକ ଜଟିଳ ଉପାଦାନକୁ କ୍ୱଚିତ୍ ଅଣଦେଖା କରାଯାଇ ପାରିବ । ନିକଟରେ ଜାମ୍ମୁ ଏବଂ ପରିବହନ କରାଯିବା ପାଇଁ ପାଞ୍ଚଗୋଟି ବିମାନ ପ୍ରଦାନ କରାଯିବାକୁ ମନା କରାଯିବାରୁ ପୁଲୱାମା ଆକ୍ରମଣ ଘଟିଥିଲା ଏବଂ ଏ ବିଷୟ ଶ୍ରୀଯୁକ୍ତ ମଲିକ ଯେତେବେଳେ ପ୍ରଧାନମନ୍ତ୍ରୀଙ୍କ କାନରେ ପକେଇଲେ ତାଙ୍କୁ ଏ ବାବଦରେ ନିରବତା ଅବଲମ୍ବନ କରିବାକୁ କୁହାଗଲା, ଯେହେତୁ ଏଥି ସହିତ ଅନ୍ୟାନ୍ୟ କେତେକ ଘଟଣାର ବିବେଚନା ମିଶିକରି ରହିଥିଲା । ଏହାର ଖୁବ୍ କମ୍ ଦିନ ପରେ ପୁଲୱାମା ଘଟଣାର ପ୍ରତିଶୋଧ ନେବାକୁ ଭାରତ ବାଲାକୋଟ୍ ବିମାନ ଆକ୍ରମଣ କଲା ଆଉ ଏହାକୁ ୨୦୧୯ ଲୋକସଭା ନିର୍ବାଚନ ସମୟରେ ଏକ ପ୍ରଭାବଶାଳୀ ପ୍ରଚାର ପଏଣ୍ଟ୍ ଭାବରେ ଉପସ୍ଥାପନ କରାଗଲା । ଆଶା କରାଯାଉ, ପୁଞ୍ଚ ଆକ୍ରମଣ ଏଭଳି ଏକ ସୁଯୋଗ ନିମନ୍ତେ ଦ୍ୱାର ଉନ୍ମୋଚନ କରିବ ନାହିଁ ।

ପରିବେଶର ପଦଧ୍ୱନି

ପ୍ର.ଗିରିଜା ଶଂକର ଶର୍ମା

ସମଗ୍ର ବିଶ୍ୱର ପରିବେଶ ଉପରେ ଦୃଷ୍ଟିପାତ କଲେ ଆମେ ଅକ୍ଳେଷରେ ଜାଣିପାରିବା ଯେ ଏହାର ଦ୍ରୁତ ଅବକ୍ଷୟ ପ୍ରକ୍ରିୟା ଆରମ୍ଭ ହୋଇ ସାରିଲାଣି । ୨୦୨୨ର ଏକ ପରିସଂଖ୍ୟାନ ବିବରଣୀରୁ ଜଣାପଡ଼େ ଯେ ପୃଥିବୀର ଦଶଟି ସବୁଠାରୁ ବେଶୀ ପ୍ରଦୂଷିତ ସହର ମାନଂକ ମଧ୍ୟରେ ସାତଟି ସହର ଭାରତରେ ଅବସ୍ଥିତ । ଏଥିରୁ ସ୍ପଷ୍ଟ ଅନୁମାନ କରାଯାଏ ଯେ ପ୍ରଦୂଷଣକୁ ରୋକିବା ଦିଗରେ ଆମେ ସକ୍ଷମ ହୋଇପାରି ନାହୁଁ । ଯଦି ଏ ପରିସ୍ଥିତି ଉପରେ ଶୀଘ୍ର ଲଗାମ ଦିଆନଯାଏ, ତାହେଲେ ଆଗକୁ ଅବସ୍ଥା ଜଟିଳ ହେବ ।

ବାୟୁ ମଣ୍ଡଳରେ ଅତ୍ୟଧିକ ଅଂଗାରକାମ୍ଳ ଓ ମିଥେନ୍ ଗ୍ୟାସର ଉପସ୍ଥିତ ପରିବେଶର ଦ୍ରୁତ ଅବକ୍ଷୟ ଘଟାଉଛି । ଏହାର ପ୍ରଭାବ ଫଳରେ ମେରୁ ଅଂଚଳରେ ଥିବା ବିରାଟ ବିରାଟ ହିମ ଚଟ୍ଟାଣ (Glacier) ତରିଳିବାରେ ଲାଗିଛି ଯାହା ସମୁଦ୍ର ପତନକୁ ଉତ୍‌କ୍ଷୀପ୍ତ କରିବା ସଂଭାବନା ରହିଛି । ବର୍ତ୍ତମାନ ହାରାହାରି ବିଶ୍ୱ ତାପମାତ୍ରା ୧.୧ ଡିଗ୍ରୀ ସେଂଗ୍ରେଡ୍

ବଢ଼ିଛି । ଏହା ରୋକା ନଗଲେ ୨୦୫୦ ସୁଦ୍ଧା ୧.୫°C ଏବଂ ୨.୦°C ବଢ଼ିଯିବ । ଯାହାଫଳରେ ଅନେକ ସହର ଓ ଦ୍ୱୀପ ଜଳମଗ୍ନ ହେବାର ଆଶଂକା ରହିଛି ।

ପ୍ରଦୂଷଣର ମୁଖ୍ୟ କାରଣ ଚଳାଚଳା କରୁଥିବା ଯାନବାହାନରୁ ନିର୍ଗତ ଧୂଆ, କଳକାରଖାନାରୁ ନିର୍ଗତ ବର୍ଜ୍ୟବସ୍ତୁ, ଖଣି ଖନନ ଓ କ୍ରମାଗତ ଭାବରେ ଚାଲୁଥିବା ନିର୍ବିନୀକରଣ । ଏ ସମସ୍ତ ପ୍ରଦୂଷଣ ବର୍ଦ୍ଧନକାରୀ କାର୍ଯ୍ୟକଳାପ ଯେତେବେଳେ ପ୍ରକୃତିର ସହନଶୀଳତାକୁ ଅତିକ୍ରମ କରିଯାଏ, ପ୍ରକୃତି କ୍ରୋଧାନ୍ୱିତ ହେବା ଅବଶ୍ୟମ୍ଭାବୀ । ଥରେ ପ୍ରକୃତିର ସନ୍ତୁଳନ ନଷ୍ଟ ହେଲେ ପୁନର୍ବାର ଫେରି ପାଇବା କଷ୍ଟକର ହୋଇପଡ଼େ ଏବଂ ଅନେକ ସମୟରେ ତା'ର ଦୁର୍ବିପାକ ଆମେ ସହିବା ପାଇଁ ବାଧ୍ୟ ହେଉ । ଏବେ ଯେପରି ଜଳବାୟୁ ପରିବର୍ତ୍ତନ, ବାୟୁମଣ୍ଡଳିୟ ଉତ୍ତପ୍ତିକରଣ, ଜୈବବିବିଧତାର ବିପର୍ଯ୍ୟୟ ଆଦି ବିପଦ ସମଗ୍ର ପୃଥିବୀକୁ ଗ୍ରାସ କରିଛି । ଏ ସ୍ଥିତି ଯୋଗୁଁ ସବୁଜିମା ବିମଣ୍ଡିତ ଏ ପୃଥିବୀ ଧୀରେ ଧୀରେ ମରୁଭୂମିରେ ରୂପାନ୍ତରୀତ ହେବାକୁ ବସିଲାଣି । ଅଦିନିଆ ବାତ୍ୟା, ବନ୍ୟା, ମରୁଡ଼ି, ଭୂମିକମ୍ପ ଆଦି ଅସନ୍ତୁଳିତ ପରିବେଶର ବିକାର । ଏହାର ଆଶୁ ପ୍ରତିକାର ନକଲେ ଭବିଷ୍ୟତରେ ପ୍ରକୃତିର ଆହୁରି ଭୟଙ୍କର ଚେହେରା ଦେଖିବାକୁ ପଡ଼ିବ ।

କିଛିଦିନ ତଳେ ରାଷ୍ଟ୍ରମୁଖ୍ୟମାନେ ସ୍ୱିଜରଲ୍ୟାଣ୍ଡରେ (ମାର୍ଚ୍ଚ ୧୩ରୁ ୧୯ ପର୍ଯ୍ୟନ୍ତ) ଚାଲିଥିବା ଜଳବାୟୁ ପରିବର୍ତ୍ତନ ସମ୍ମିଳନୀରେ ବିଶ୍ୱ ପରିବେଶ ଉପରେ ଗଭୀର ଭାବରେ ମନନ ଓ ଆଲୋଚନା କରିଛନ୍ତି । ସେଠାରେ ପ୍ରକାଶ ପାଇଥିବା ମତରେ ବାୟୁମଣ୍ଡଳର ପ୍ରଦୂଷଣ ରୋକିବା ପାଇଁ ଆମେ ଯାନବାହାନରେ ପେଟ୍ରୋଲ, ଡିଜେଲ ଆଦି ଜୈବ ଇନ୍ଧନ ବ୍ୟବହାର ନକରି ବିଦ୍ୟୁତ ଚାଳିତ ଯାନ ବ୍ୟବହାର କରିବା, ବୃକ୍ଷ ଛେଦନ ଆଦି ନିହାତି ଆବଶ୍ୟକ ହୁଏ ତାହେଲେ ବୃକ୍ଷ ରୋପଣ ଦ୍ୱାରା ତାର କ୍ଷତି ପୂରଣ କରିବା, ନଷ୍ଟ ହୋଇ ଯାଉଥିବା ଜୈବ ବିବିଧତାକୁ ଯଥା ସଂଭବ ସୁରକ୍ଷା ପ୍ରଦାନ କରିବା ଇତ୍ୟାଦି ।

ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀ ବାରଂବାର କହିଛନ୍ତି: **'The earth how enough resourun for our need but not for our greed".** । ଆମ ପ୍ରାଚୀନ ଗ୍ରନ୍ଥ ଅଥର୍ବ ବେଦରେ ମଧ୍ୟ ଏହା ବର୍ଣ୍ଣିତ ଅଛି । ସେଥିରେ ଲେଖାଅଛି: ବିଶ୍ୱଭାମ୍ ମାତରଂ, ଔଷଧିନାମ ଧ୍ରୁବଂ, ଭୂମିମ୍ ପୃଥ୍ୱୀଂ ଧର୍ମଣଂ ଧ ାଂ, ଶିଭଂ ସ୍ୟୋନାମ ଅଣୁ କରେମା ବିଶ୍ୱଂ । ଏ ଶ୍ଳୋକରେ ପୃଥିବୀକୁ ପ୍ରାର୍ଥନା କରି କୁହାଯାଇଛି ଯେ ଆପଣ ବିକାଶର ମାତା ସଦୃଶ ଏବଂ ଧର୍ମ ଦ୍ୱାରା ଆଶ୍ରିତ । ଆପଣ ଉଦାର ହୋଇ ଆମ୍ଭଙ୍କୁ ଧାରଣ କରି ରଖିଛନ୍ତି । ଆପଣ ମହାନ ।

ଧନକଉଡ଼ା, ସଂବଲପୁର-୭୬୮୦୦୬
ମୋ: ୮୯୧୭୪୯୪୦୯୫

ଫୁଟପାଥ ଜବରଦଖଲ : ସଚେତନତା କାହିଁ ?

ପ୍ରଦୋଷ କୁମାର ଦାସ

ରାସ୍ତା ଧାର ଫୁଟପାଥ ପଥାଚାରୀଙ୍କ ପାଇଁ ଦୁର୍ଘଟଣା ମୁକ୍ତ ପଥ ଅଟେ। ଏହା ଉପର ଦେଇ ସାମ୍ନା ଓ ଆଖପାଖ ବ୍ୟସ୍ତ ବହୁଳ ରାସ୍ତା ର ଗତି ଓ ଇତିବୃତି କୁ ପଲକରେ ପଢି ହୋଇଥାଏ। ପ୍ରାତଃ ଓ ସାନ୍ଧ୍ୟ ଭ୍ରମଣରେ ଏହି ଫୁଟପାଥଟି ପଥାଚାରୀଙ୍କ ପଦଚାଳନାରେ ଖାସ ସଖା ସହଚରୀ ଭଳି ଅନୁଭୂତ ହୋଇଥାଏ। ହାୟ ! ଏହି ଫୁଟପାଥ ଅନେକ ସ୍ଥାନରେ ଜ୍ୱରଦଖଲମୁକ୍ତ ନୁହେଁ। ଅନେକ ଫୁଟପାଥରେ ଅସ୍ଥାୟୀ ବେପାର ବଣିଜ ର ପେଣ୍ଠସ୍ଥଳୀ ପାଲଟିଛି। ଏହି ବେଆଇନ ବେପାରର ଗରାଖ ମଧ୍ୟ ଆମ ଭଳି ରାସ୍ତାରେ ଯାଉଥିବା ଅସଚେତନ ଅଗଣିତ ମଣିଷ। ଜନଗହଳିପୂର୍ଣ୍ଣ ରାସ୍ତାରେ ଗାଡ଼ି ରଖିଦେଇ ଛୁଆପିଲା ଘରଣୀ ସମେତ ଦୀର୍ଘ ସମୟ ଧରି ଠିଆଠିଆ ଆମେ ଏହି ଫୁଟପାଥ ବେପାରୀ ଙ୍କ ଠାରୁ ବିଭିନ୍ନ ସାମଗ୍ରୀ କିଣିଲାବେଳେ ମୁଲଚାଲ ଓ ଖରିଦାରି କରି ଅନେକ ସମୟରେ ଅଯଥା ଟ୍ରାଫିକ ସମସ୍ୟା ଓ ଅକାରଣ ଦୁର୍ଘଟଣା କୁ ଆହ୍ୱାନ କରିଥାଉ। ସବୁ ଜାଣି ମଧ୍ୟ ଆମେ ଏଦିଗରେ ଜମା ସଚେତନ ନୋହୁଁ।

ରାଜ୍ୟ ର ଖୋଦ୍ ରାଜଧାନୀ ଭୁବନେଶ୍ୱର ସମେତ କଟକ, ବ୍ରହ୍ମପୁର ଭଳି ରାଜ୍ୟର ଅନ୍ୟାନ୍ୟ ବିଭିନ୍ନ ସହରର ଜନଗହଳିପୂର୍ଣ୍ଣ ରାସ୍ତା ଧାର ଅ ଳ ଓ ନିର୍ମିତ ଫୁଟପାଥ ରାସ୍ତା ଉପରେ ଏବେ ବେଆଇନ ଅବରୋଧ ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଏହାକୁ କିଛି ଲଣ୍ଠିପାରୀ, ଅସ୍ଥାୟୀ ଦୋକାନୀ କିଛି ଅସାଧୁ ପୁଲିସ ଓ ପ୍ରଶାସନିକ କର୍ମଚାରୀ, ମୁଷ୍ଟିମେୟ, ପ୍ରଭାବଶାଳୀ ଲୋକଙ୍କ ସଲାସୁତରା ଓ ପ୍ରଚ୍ଛନ୍ନ ସହଯୋଗରେ ଜବରଦଖଲ ହୋଇ ପଥାଚାରୀଙ୍କ ଆତଯାତ ରେ ବାଧକ ସୃଷ୍ଟିର କାରଣ ହୋଇଛି। ଅନେକ ଫୁଟପାଥରେ କର୍ମକୁଣ୍ଠ ଅଳସୁଆ ତଥା ଅସାମାଜିକ ବ୍ୟକ୍ତି ବିଶେଷ ବିଶେଷ କରି ଯୁବକ କିଶୋର ନିଶାଡି ଆଡ୍ଡା ଜମାଇ ଏହି ପାଦ ଚଲା ପଥକୁ ଅବରୋଧ କରି ରଖିଥିବା ଅନେକ ସ୍ଥାନରେ ଦୃଷ୍ଟି କୁ ଆସିଥାଏ। ଏ୍ଵାଦରେ କେହି ସଚେତନ ନାଗରିକ ପ୍ରତିବାଦ କଲେ ଅବା ପୁଲିସ ପ୍ରଶାସନ ର ଦୃଷ୍ଟିକୁ ଆଣିଲେ ମଧ୍ୟ ସ୍ଥାୟୀ ସମାଧାନ ମିଳିପାରେ ନାହିଁ। ସହର ରାସ୍ତା ରେ ଦ୍ରୁତ ଗତିରେ ଯାନବାହାନ ଚଳାଚଳ କରୁଥିବା ବେଳେ ରାସ୍ତା ସମ୍ବଲଗ୍ନ ପାଖ ଫୁଟପାଥରେ ଆଗକୁ ରାସ୍ତା ଅତିକ୍ରମ ପାଇଁ ଅସହାୟ ପଥାଚାରୀ ହାତରେ ଲଗେଜ ଧରି ଅବରୋଧ ରହିଥିବା ଫୁଟପାଥରୁ ତଳକୁ ଖସି ପୁଣି କିଛି ବାଟ ଏହି ଯାନବାହାନ ଚଳାଚଳ ରାସ୍ତା ରେ ଚାଲିଚାଲି ଯିବାକୁ ହୋଇଥାଏ। ଏଭଳି ପରିସ୍ଥିତିରେ ବ୍ୟସ୍ତ ବିବ୍ରତ ପଥାଚାରୀ ଟିକିଏ ଅନ୍ୟମନସ୍କ ହୋଇଗଲେ ବ୍ୟସ୍ତ ବହୁଳ ରାସ୍ତା ରେ ଯାଉଥିବା ଦ୍ରୁତଗାମୀ ଯାନବାହାନ ସହ ପିଟି ହୋଇଯାଉ ଅବା କୌଣସି ବେପରୁଆ ଗାଡି ବାଲା ଧକ୍କା ଦେବାରୁ ଦୁର୍ଘଟଣା ର ସମ୍ମୁଖୀନ ହେବାକୁ ପଡ଼ିବା ଘଟଣାକୁ ଏଡାଇ ହେବନାହିଁ। ତେବେ ଆଶଙ୍କିତ ଦୁର୍ଘଟଣା ଏଡାଇବାକୁ ପଥାଚାରୀଙ୍କ ସୁରକ୍ଷା ଦୃଷ୍ଟିରୁ ସରକାର ଯଦି ବିଭିନ୍ନ ବ୍ୟସ୍ତବହୁଳ ରାସ୍ତା ଘାଟ ପ୍ରଶସ୍ତିକରଣ ଅଧୀନ ଏହା ସମ୍ବଲଗ୍ନ ଫୁଟପାଥ ବା ପାଦଚଲା ରାସ୍ତା ନିର୍ମାଣ କରିଛନ୍ତି ! ଯଦି ଏହି ଫୁଟପାଥ ରାସ୍ତା ଉପରେ ପାଦ ଚଲାଳି ବା ପଥାଚାରୀ ନିର୍ବିରୋଧ ଓ ନିସଙ୍କୋଚ ରେ ଚାଲିଚାଲି ସହର ଗଳିକନ୍ଦି ଅତିକ୍ରମ କରିବାକୁ ସରକାର ସୁବିଧା କରିଛନ୍ତି ! ଏହା ଯଦି ଆଇନ ସମ୍ମତ ପଦକ୍ଷେପ ! ତେବେ ବ୍ୟସ୍ତବହୁଳ ରାସ୍ତା ସମ୍ବଲଗ୍ନ ଫୁଟପାଥ ଗୁଡିକ ଜ୍ୱରଦଖଲ ମୁକ୍ତ ହେବା ନିହାତି ଜରୁରୀ। ବିଭିନ୍ନ ଜନଗହଳ ସହର ରାସ୍ତାରେ ସମ୍ଭାବ୍ୟ ଦୁର୍ଘଟଣା ଏଡାଇବାକୁ ଏହା ସମ୍ବଲଗ୍ନ ନିର୍ମିତ ରାସ୍ତା ଉଭୟ ପାର୍ଶ୍ୱରେ ରହିଥିବା ଫୁଟପାଥ ଗୁଡିକ ଜ୍ୱରଦଖଲ ମୁକ୍ତ ହେବା ନିହାତି ଜରୁରୀ। ଏହା ଉପରେ କର୍ମ ବ୍ୟସ୍ତ ପଥାଚାରୀ ଯେପରି ନିର୍ବିରୋଧ ଓ ନିସମ୍ବକୋଚରେ ଯାତାୟତ କରିପାରିବେ, ସରକାର ଓ ସ୍ଥାନୀୟ ପୋଲିସ ଓ ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ନିବେଦନ କରାଯାଉଛି। ଏଥି ସହିତ ଆମେ ସମସ୍ତେ ଆମ ରାସ୍ତା ଧାର ସମ୍ବଲଗ୍ନ ଫୁଟପାଥ ରାସ୍ତା କୁ ପଥାଚାରୀଙ୍କ ପାଇଁ ଗମନାଗମନ ମୁକ୍ତ ରଖିବାକୁ ସଚେତନ ହୋଇ ଅନ୍ୟ କୁ ମଧ୍ୟ ଏଦିଗରେ ସଚେତନ କରିବା ଅତ୍ୟାବଶ୍ୟକ ହେଉଅଛି।

ସା/ପୋ:- ନାଚୁଣୀ, ଜିଲ୍ଲା:- ଖୋର୍ଦ୍ଧା- ୭୫୨୦୩୪
ଫୋନ୍-୬୩୭୦୪୯୫୯୪୪

ବନ୍ଦ ହେବ ମନରେଗା !

ସୌଭାଗ୍ୟ ରଂଜନ ମହାନ୍ତି

ଏଥିରେ ବୋଧହୁଏ କେହି ଅସହମତ ହେବେ ନାହିଁ ଯେ, ମହାମାରୀ କରୋନା କାଳରେ ଅର୍ଥାତ ୨୦୨୦ -୨୧ ଏବଂ ୨୦୨୧-୨୨ ଆର୍ଥୀକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ମନେରଗା) ଶ୍ରମିକମାନଙ୍କ ଜୀବନ ଧାରଣ ସାହାରା ପାଲଟିଥିଲା। ଦେଶରେ ଦୀର୍ଘକାଳୀନ ତାଲାବନ୍ଦ ଯୋଗୁଁ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇ ଶ୍ରମିକମାନେ ନିଜ ଘରକୁ ଫେରିବା ପରେ ମନେରଗା ସେମାନଙ୍କୁ କାମ ଯୋଗାଇ ଦେଇଥିଲା। ଯେଉଁଥିପାଇଁ କି ସେମାନେ ପରିବାରକୁ ଭୋକ ଉପାସରେ ରହିବାରୁ ସୁରକ୍ଷିତ ରଖିପାରିଥିଲେ। ଦେଶରେ ଗ୍ରାମାଚଂଳରେ ଗରିବ ଲୋକମାନଙ୍କୁ କାମ ଯୋଗାଇ ଦେଇଥିଲା। ଯେଉଁଥିପାଇଁ କି ସେମାନେ ପରିବାରକୁ ଭୋକ ଉପାସରେ ରହିବାରୁ ସୁରକ୍ଷିତ ରଖିପାରିଥିଲେ। ଦେଶରେ ଗ୍ରାମାଚଂଳରେ ଗରିବ ଲୋକମାନଙ୍କୁ ବାର୍ଷିକ ଅତିକମରେ ୧୦୦ଦିନର କାମ ଯୋଗାଇ ଦେବା ପାଇଁ ଅଶୀଦଶକରେ କଂଗ୍ରେସ ସରକାର 'ନରେଗା' ନାମରେ ଏକ କେନ୍ଦ୍ରୀୟ ଯୋଜନା ପ୍ରଣୟନ କରିଥିଲେ। ପରବର୍ତୀ କାଳରେ ସେହି କଂଗ୍ରେସ ସରକାର ଏହି ଯୋଜନା ପୂର୍ବରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ନାମ ଯୋଡି 'ନରେଗା' ସ୍ଥାନରେ 'ମନରେଗା' ଭାବେ ନାମିତ କରିଥିଲେ। ଏହି ଯୋଜନାର ସଫଳତା ପାଇଁ କେନ୍ଦ୍ର ସରକାର ବଜେଟରେ ଆଖିଦୃଷିଆ ବ୍ୟୟବରାଦ କରିଆସୁଥିଲେ। ମନେରଗା ମଜୁରୀ ବହୁତ କମ୍ ଅର୍ଥାତ୍ ଦିନକୁ ମାତ୍ର ୨୦୭ ଟଙ୍କା ଥିବା ସତ୍ତ୍ୱେ ଏହା ଗରିବ ଲୋକଙ୍କ ମଧ୍ୟରେ ବେଶ ଆଦୃତ ହୋଇପାରିଥିଲା। ଏହା ନିଶ୍ଚିତ ଯେ, ମନେରଗା ଗ୍ରାମାଚଂଳରେ ଗରିବ ଲୋକଙ୍କୁ କ

ବ୍ରେନ ଷ୍ଟ୍ରୋକ୍ କାହିଁକି ହୁଏ ? ଜାଣନ୍ତୁ ଏହାର ଲକ୍ଷଣ

ବ୍ରେନ୍ ବା ମସ୍ତିଷ୍କ ଆମ ଶରୀରର ସମସ୍ତ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରିଥାଏ । ଏହା ଆମ ଶରୀରର ଏକ ମୁଖ୍ୟ ଅଙ୍ଗ ହେଉଛି ମସ୍ତିଷ୍କ । ମସ୍ତିଷ୍କର କୋଷିକାଗୁଡ଼ିକ ଅହରହ ରକ୍ତ ପ୍ରବାହ, ଅମ୍ଳଜାନ ଓ ଗ୍ଲୁକୋଜ ଉପରେ ନିର୍ଭର କରିଥା'ନ୍ତି । କୌଣସି କାରଣରୁ ମସ୍ତିଷ୍କକୁ ରକ୍ତ ପ୍ରବାହ ଠିକ୍ ଭାବେ ହୋଇ ନ ପାରିଲେ, ମସ୍ତିଷ୍କର କୋଷିକାଗୁଡ଼ିକ ମରିଯା'ନ୍ତି । ଫଳରେ ବ୍ୟକ୍ତିଙ୍କୁ ବ୍ରେନ୍ ଷ୍ଟ୍ରୋକ୍ ବା ମସ୍ତିଷ୍କ ପକ୍ଷାଘାତ ହୋଇଥାଏ । ଯଦି କୌଣସି କାରଣରୁ ମସ୍ତିଷ୍କକୁ ରକ୍ତ ପ୍ରବାହ ଠିକ୍ ଭାବରେ ହୋଇପାରେ ନାହିଁ, ତେବେ ଏହାକୁ ଇସଚ୍ମେମିକ୍ ଷ୍ଟ୍ରୋକ କୁହାଯାଏ । ଯଦି କୌଣସି କାରଣରୁ ମସ୍ତିଷ୍କର ଶୀରା ଫାଟି ଯାଇ ରକ୍ତ ସ୍ରାବ ହୁଏ, ତେବେ ଏହା ହେମରଜିକ୍ ଷ୍ଟ୍ରୋକ କୁହାଯାଏ ।



ମୁଖ୍ୟ କାରଣ :
ଡାଏବେଟିସ୍, ରକ୍ତଚାପ, ଉଚ୍ଚ କୋଲେଷ୍ଟ୍ରଲ, ହୃଦରୋଗ, ମାନସିକ ଚାପ, ମେଦବହୁଳତା ହେଉଛି ବ୍ରେନ୍ ଷ୍ଟ୍ରୋକର ମୁଖ୍ୟ କାରଣ । ମହିଳାଙ୍କ ଅପେକ୍ଷା ପୁରୁଷଙ୍କୁ ବ୍ରେନ୍ ଷ୍ଟ୍ରୋକ ହେବାର ଅଧିକ ଆଶଙ୍କା ଥାଏ । ଏହାଛଡ଼ା ଯଦି ଜଣେ ବ୍ୟକ୍ତିଙ୍କ ବୟସ ୬୦ ବର୍ଷରୁ ଅଧିକ ଓ ବଂଶଗତ କାରଣରୁ ବି ବ୍ରେନ୍ ଷ୍ଟ୍ରୋକ୍ ହୋଇପାରେ ।

ଲକ୍ଷଣ :
ବାଲାନ୍ସ: ଯଦି ବ୍ୟକ୍ତି ନିଜକୁ ନିୟନ୍ତ୍ରଣ କରିନପାରେ ଏବଂ ବେଳେ ବେଳେ ପଡ଼ିଯାଏ, ତେବେ ଏହା ଷ୍ଟ୍ରୋକ୍‌ର ଲକ୍ଷଣ ।
ମୁହଁ: ଷ୍ଟ୍ରୋକ ହୋଇଥିବା ବ୍ୟକ୍ତିର ମୁହଁ ବଙ୍କା ହୋଇଯିବା ସହ ମୁହଁରେ ଝିମ୍ ଝିମ୍ ଲାଗିଥାଏ ।
ଦୁର୍ବଳ ବାହୁ: ଯଦି ଆପଣଙ୍କୁ ଷ୍ଟ୍ରୋକ ହୋଇଥାଏ ତେବେ ଆପଣ ହାତରେ କୌଣସି ଜିନିଷ ଉଠାଇ ପାରିବେ ନାହିଁ ବା ହାତ ବଧିରା ଭଳି ଲାଗିବା ।
ଷ୍ଟ୍ରୋକ୍ ହେଲେ ଠିକ୍ ସମୟରେ ହସ୍ପିଟାଲରେ ପହଞ୍ଚିବା ନିହାତି ଦରକାର । ବ୍ରେନ୍ ଷ୍ଟ୍ରୋକ ହେବାର ସାଢ଼େ ୪ ଘଣ୍ଟା ମଧ୍ୟରେ ହସ୍ପିଟାଲରେ ପହଞ୍ଚିବା ଦରକାର । ଏହି ୪ ଘଣ୍ଟାର ସମୟକୁ ଗୋଲଡ଼େନ ୱିଣ୍ଡୋ ପିରିୟଡ୍ ବୋଲି କୁହାଯାଏ । କାରଣ ଷ୍ଟ୍ରୋକ୍‌ର ଚିକିତ୍ସା ଯେତେ ଶୀଘ୍ର ହେବ ଏହା ଠିକ୍ ହେବାର ସମ୍ଭାବନା ସେତିକି ଜଲଦି । ଡେରିରେ ଚିକିତ୍ସା କରାଗଲେ ରୋଗୀର ଠିକ୍ ହେବାରେ ବିଳମ୍ବ ହୋଇଥାଏ ।

ପୁଦିନା ଗ୍ରୀଷ୍ମ ଋତୁରେ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ

ଗ୍ରୀଷ୍ମ ଋତୁରେ ପୁଦିନା ଖାଇବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ । ଏହି ଋତୁରେ, ଲୋକମାନେ ଖାଦ୍ୟର ସ୍ୱାଦ ବଢାଇବା ପାଇଁ ପ୍ରାୟତଃ ପୁଦିନା ପତ୍ର ବ୍ୟବହାର କରନ୍ତି । ତଥାପି, ମିଣ୍ଟ ସ୍ୱାଦକୁ ଚମତ୍କାର କରିବା ବ୍ୟତୀତ ଏହା ଶରୀରର ଅନେକ ସମସ୍ୟାକୁ ହ୍ରାସ କରିବାରେ ମଧ୍ୟ କାମ କରିଥାଏ । ଗରମ ଷ୍ଟ୍ରୋକରୁ ରକ୍ଷା କରିବା ପାଇଁ ପୁଦିନା ଭଲ କାମ କରେ । ଏଥିରେ ପ୍ରୋଟିନ୍, ମେଣ୍ଟୋଲ୍, ଭିଟାମିନ୍-ଏ, ତୟା, କାର୍ବୋହାଇଡ୍ରେଟ୍ ପରି ପୁଷ୍ଟିକର ଖାଦ୍ୟ ମିଳିଥାଏ । ଏହା ସ୍ୱାସ୍ଥ୍ୟ ପାଇଁ ଅନେକ ଲାଭ ଆଣିଥାଏ । ତେବେ ଆସନ୍ତୁ ଜାଣିବା, ପୁଦିନା ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ।

♦ ପୁଦିନା ପତ୍ରରେ ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟିସେପ୍ଟିକ୍ ଗୁଣ ରହିଛି । ଯେଉଁ କାରଣରୁ ହଜମ ପ୍ରକ୍ରିୟା ଦୂର ହୋଇପାରିବ । ଯଦି ଆପଣ ଅମ୍ଳତା ଦ୍ୱାରା ଅସୁବିଧାରେ ପଡ଼ନ୍ତି, ତେବେ ଏଥିପାଇଁ ଆପଣ ଏକ ଚାମଚ ମିଣ୍ଟ ରସ ସହିତ ଉଷୁମ ପାଣି ପିଇପାରିବେ । ଏହା ଆପଣଙ୍କୁ ଆରାମ ଦେଇପାରେ ।
♦ ପୁଦିନାରେ ଆଣ୍ଟି-ଇନ୍ ?ଫ୍ଲାମେଟୋରୀ ଗୁଣ ରହିଛି, ଯାହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ । ଯଦି ଆପଣ ମାଂସପେଶୀ ଯନ୍ତ୍ରଣା ଦ୍ୱାରା ମଧ୍ୟ ଅସୁବିଧାରେ ପଡ଼ନ୍ତି, ତେବେ ଆପଣ ମିଣ୍ଟ ତେଲରେ ମାଲିସ୍ କରିପାରିବେ ।
♦ ଏଥିରେ ଆଣ୍ଟି-ବ୍ୟାକ୍ଟେରିଆଲ୍ ଗୁଣ ଥିବାରୁ ଶରୀରରେ ଖରାପ ନିଶ୍ୱାସ କମିଯାଏ । ଏହି ପତ୍ରଗୁଡ଼ିକ ଦାନ୍ତ କ୍ଷୟ ଏବଂ ଦାନ୍ତ ମୂଳ ଦୁର୍ବଳତା ରୋଗରୁ ମଧ୍ୟ ରକ୍ଷା କରିଥାଏ ।
♦ ପୁଦିନାରେ କ୍ୟାଲୋରୀ ପରିମାଣ ବହୁତ କମ୍ ଅଟେ । ଆପଣ ଏହି ପତ୍ରଗୁଡ଼ିକୁ ଆପଣଙ୍କର ଓଜନ ହ୍ରାସରେ ଅନ୍ତର୍ଭୁକ୍ତ କରିପାରିବେ ।
♦ କେଶକୁ ସୁସ୍ଥ ରଖିବାରେ ପୁଦିନା ମଧ୍ୟ ସହାୟକ ହୋଇଥାଏ । ଏହାକୁ ବ୍ୟବହାର କରି ଆପଣ ରୁପି ସମସ୍ୟାରୁ ମୁକ୍ତି ପାଇପାରିବେ । କେଶ ପାଇଁ, ଆପଣ ଅଲିଭ୍ କିମ୍ବା ନଡ଼ିଆ ତେଲକୁ ମିଣ୍ଟ ତେଲରେ ମିଶାଇ ତ୍ୱଚାକୁ ମାଲିସ୍ କରିପାରିବେ ।
♦ ପୁଦିନାରେ ଥିବା ଆଣ୍ଟିସେପ୍ଟିକ୍ ଏବଂ ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଚର୍ମକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ । ଏହା ଚର୍ମର ଆର୍ଦ୍ରତା ବଜାୟ ରଖେ । ସେଥିପାଇଁ ଆପଣ ନିଜ ଚର୍ମର ଯତ୍ନ ନିମନ୍ତେ ପୁଦିନା ପତ୍ରକୁ ଅନ୍ତର୍ଭୁକ୍ତ କରିପାରିବେ । ଏହାର ସତେଜ ପତ୍ରର ରସକୁ ମୁହଁରେ ଲଗାନ୍ତୁ, ପ୍ରାୟ୧୫ ମିନିଟ୍ ପରେ ଏହାକୁ ପାଣିରେ ଧୋଇ ଦିଅନ୍ତୁ ।

ଗାଡ଼ି ଭଳି ଚାଲିବ ଚାଳକବିହୀନ ହୋଟେଲ



ଏକବିଂଶ ଶତାବ୍ଦୀ ନୁହେଁ, ଗବେଷକଙ୍କ ଚେଷ୍ଟାରେ ଏହା ଆଗାମୀ କିଛିଦିନ ମଧ୍ୟରେ 'ସ୍ମାର୍ଟଶତାବ୍ଦୀ' ଭାବେ ନାମକରଣ କରାଯିବା ଥୟ । କର୍ମଜୀବୀ ଲୋକେ କାମରୁ ତ୍ରାହି ପାଇବା ନିମନ୍ତେ ନିୟମିତ ଭାବେ ଭ୍ରମଣ କରିବାକୁ ଆଗ୍ରହ ପ୍ରକାଶ କରୁଛନ୍ତି । ଏଣୁ ଏଥରକ ସେମାନଙ୍କୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇବ 'ଡ୍ରାଇଭରଲେସ୍ ହୋଟେଲ' । ଏହି ଚଳନ୍ତା ହୋଟେଲ ଅନବରତ ୧୦ଘଣ୍ଟା ଯାତ୍ରା କରିପାରିବ । ପ୍ରାରମ୍ଭିକ ପର୍ଯ୍ୟାୟରେ ନ୍ୟୁୟର୍କ, ପିଟସବର୍ଗ, ବୋଷ୍ଟନ୍, ୱାଶିଂଟନରେ ଏହି ଚାଳକବିହୀନ ହୋଟେଲର କାର୍ଯ୍ୟ ଆରମ୍ଭ ହେବ । ବ୍ୟାଟେରିଚାଳିତ ଏଇ ହୋଟେଲର କାର୍ଯ୍ୟ ଆରମ୍ଭ ହେବ । ବ୍ୟଟେରିଚାଳିତ ଏଇ ହୋଟେଲର ଶୁଭାରମ୍ଭ କରିଛନ୍ତି ନ୍ୟୁୟର୍କନିମାବୀ ଷ୍ଟିଭ୍ ଲି । ତାଙ୍କ କହିବାନୁସାରେ, ଏବର ପିଢ଼ିକୁ ଏଇ ଚଳନ୍ତା ହୋଟେଲ ଖୁବ୍ ପସନ୍ଦ ଆସିବ । କାରଣ ହୋଟେଲ ଖର୍ଚ୍ଚ ସହ ଗାଡ଼ି ଭଡ଼ାର ଚିନ୍ତା ଏଥିରେ ଯାତ୍ରା କଲେ ଆଦୌ ନଥାଏ । ୨୦୨୧ ସୁଦ୍ଧା ବିଶ୍ୱବଜାରରେ 'ଡ୍ରାଇଭରଲେସ୍ ହୋଟେଲ' ସୁବିଧା ଆରମ୍ଭ ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି ।

ଚୁଟି ପାଇଁ ବଡ଼ ଉପକାରୀ ରସୁଣ

ରସୁଣ ଖାଲି ଯେ, ଖାଇବାର ସ୍ୱାଦ ବଢ଼ାଇଥାଏ ତା' ନୁହେଁ ଏଥିରେ ଥିବା ଆର୍ଯ୍ୟୁଦେବିକ୍ ତତ୍ତ୍ୱ ଏହା ଅନେକ ରୋଗରୁ ମଧ୍ୟ ମୁକ୍ତି ଦେଇଥାଏ । ଆପଣ କ'ଣ ଜାଣନ୍ତି ଯେ, ଆପଣଙ୍କ ଚୁଟି ପାଇଁ ମଧ୍ୟ ରସୁଣ ବଡ଼ ଉପଯୋଗୀ ? ଏହାର ବ୍ୟବହାର ଖାଲି ଯେ, ଚୁଟିକୁ ବଢ଼ାଇଥାଏ ତାହା ନୁହେଁ ବରଂ ରୁପିରୁ ମଧ୍ୟ ମୁକ୍ତି ଦେଇଥାଏ ।
ମଜବୁତ ଚୁଟି ପାଇଁ ବି-୬-ସି ଏବଂ ମାଙ୍ଗାନିଜର ଆବଶ୍ୟକ ଥିଲା ବେଳେ ଏହିସବୁ ତତ୍ତ୍ୱ ରସୁଣରେ ମହଜୁଦ ରହିଛି । ରସୁଣରେ ଆଣ୍ଟିମାଇକ୍ରୋବିୟଲ ଏବଂ ଆଣ୍ଟିଫଙ୍ଗଲ ପ୍ରପଟିଜ ମଧ୍ୟ ରହିଛି । ଯାହା ଚୁଟିକୁ ବ୍ୟାକ୍ଟେରିଆ ଏବଂ ଅନ୍ୟ କ୍ଷତିକାରକ ତତ୍ତ୍ୱରୁ ମୁକ୍ତି ଦେଇଥାଏ । ରସୁଣର ବ୍ୟବହାର ଦ୍ୱାରା ଚୁଟି ଝଡ଼ିବା ମଧ୍ୟ ବନ୍ଦ ହୋଇଥାଏ । ତେବେ ଯଦି ଆପଣ କୌଣସି ସ୍କିନ୍ ସମସ୍ୟାରେ ଅଛନ୍ତି ତେବେ ଚୁଟିରେ ରସୁଣର ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଦରକାର । ରସୁଣ ସହ ମହୁ ମିଶାଇ ଚୁଟିରେ ଲଗାଇଲେ ଚୁଟି ବଢ଼ିଥାଏ । ରସୁଣ ଏବଂ ନଡ଼ିଆ ତେଲ ମିଶାଇ ଚୁଟିରେ ଲଗାଇଲେ ଚୁଟି ଝଡ଼ିବା କମିଥାଏ । ସେହିପରି ରସୁଣ ଓ ଅଦା ମିଶାଇ ମଧ୍ୟ ଚୁଟିରେ ଲଗାଇଲେ ଚୁଟି ମଜବୁତ ହୋଇଥାଏ ।

ବ୍ୟସ୍ତ ଜୀବନଶୈଳୀ ଭିତରେ ଟିକେ ଫାଙ୍କା ପାଇଲେ ବୁଲି ଆସିବାକୁ ନିଶ୍ଚୟ ଇଚ୍ଛା ହୁଏ । ଅନେକ ସମୟରେ ସାଙ୍ଗସାଥୀଙ୍କୁ ଧରି ଦଳବଦ୍ଧ ହୋଇ ବୁଲିବାକୁ ଯିବାର ଯୋଜନା କରନ୍ତି, ହେଲେ କୌଣସି କାରଣରୁ ଏହା ସଫଳ ହୋଇପାରେନି । ନିଜ ମନରେ ଥିବା ଭ୍ରମଣ ଯୋଜନାକୁ ସ୍ଥଗିତ ରଖିବା ବି ଭାରି କଷ୍ଟକର । ଏପରି ସ୍ଥିତିରେ ଏକାକୀ ବାହାରି ପଡ଼ନ୍ତୁ । ଏମିତି କେତେକ ସୁନ୍ଦର ସ୍ଥାନ ସମ୍ପର୍କରେ ଜାଣନ୍ତୁ ଯେଉଁଠାକୁ ଏକା ଗଲେ ବି କିଛି ସମସ୍ୟା ହୁଏନାହିଁ । ବରଂ, ଏହି ଯାତ୍ରା ଆପଣ ଖୁବ୍ ଉପଭୋଗ କରିପାରିବେ ।

ଏକା ବୁଲନ୍ତୁ....

ମଥୁରା-ବୃନ୍ଦାବନ

କେବଳ ଯେ ଧାର୍ମିକ ଚିନ୍ତାଧାରାର ବ୍ୟକ୍ତି ବା ବୟସ୍କମାନେ ମଥୁରା-ବୃନ୍ଦାବନ ଯିବେ ବୋଲି ମାନେ ନାହିଁ । ଯୁବପିଢ଼ିଙ୍କ ପାଇଁ ବି ସେଠାରେ ଏକାଧିକ ଦର୍ଶନୀୟ ସ୍ଥାନ ରହିଛି ସବୁବେଳେ ଗହଳି ରହୁଥିବା ଏହି ସ୍ଥାନକୁ ଏକାକୀ ଯାଇ ସେହି ଗହଳିରେ ନିଜକୁ ହଜାଇଦେବା ବି ,କ ନିଆରା ଅନୁଭୂତି । ଏଠାରେ ସୁନ୍ଦର କଳାକୃତି ଥିବା ମନ୍ଦିର ସହିତ ନିଧିବନ, ପ୍ରେମ ମନ୍ଦିର, ଶ୍ରୀକୃଷ୍ଣ ଜନ୍ମଭୂମି ପରି ଦର୍ଶନୀୟ ସ୍ଥାନ ରହିଛି ।

କସୋଲ

ହିମାଚଳ ପ୍ରଦେଶରେ ଥିବା କସୋଲ ଦେଶର ଅନ୍ୟତମ ଶାନ୍ତ ଏବଂ ସୁନ୍ଦର ସ୍ଥାନ । ବର୍ଷା ଭିତରେ ଏହାର ରୂପ ଆହୁରି ସୁନ୍ଦର ହୋଇଯାଏ । ଟ୍ରେକିଂ କରିବାକୁ ପସନ୍ଦ କରୁଥିଲେ, ଏହି ସୁବିଧା ବି ଏଠାରେ ଉପଲବ୍ଧ । ପାର୍ବତୀ ନଦୀ କୂଳରେ ଘାଟି ମଧ୍ୟରେ ଥିବା ଏକ ଛୋଟ ଗାଁରେ ଟ୍ରେକିଂ କରିବାର ସୁଯୋଗ ପାଇବେ ।

ପଣ୍ଡିଚେରୀ

ଏହାକୁ 'ମିନି ଫ୍ରାନ୍ସ' ବୋଲି କୁହାଯାଏ । ପଣ୍ଡିଚେରୀ ବା ପୁଡୁଚେରୀ ଛୋଟ ସହରଟିଏ ହେଲେ ସୁଦ୍ଧା ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକତାର ମିଳନସ୍ଥଳ । ଶାନ୍ତ ପରିବେଶ ମଧ୍ୟରେ ଏଠାରେ କିଛିଦିନ ବିତାଇବାରେ ମଜା ଅନନ୍ୟ । ଏପରିକି ସମୁଦ୍ର କୂଳ ବି ଖୁବ୍ ଶାନ୍ତ ଏବଂ ଭିଡ଼ମୁକ୍ତ । ଇଚ୍ଛାକଲେ ସାଇକେଲ ଭଡ଼ାରେ ନେଇ ଫରାସୀ ଶୈଳୀରେ ନିର୍ମିତ ଏହି ସହରକୁ ଆରାମରେ ବୁଲିପାରିବେ ।

ସ୍ତନ କର୍କଟ ନହେବା ପାଇଁ ସାବଧାନତା

ତିରିଶ ବର୍ଷ ପରେ ମହିଳାମାନେ ସ୍ତନ କର୍କଟରେ ଆକ୍ରାନ୍ତ ହେଉଥିବାର ଦୃଷ୍ଟାନ୍ତ ଅଧିକ । ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ଭାରତରେ ପ୍ରତି ତିରିଶ ଜଣରେ ଜଣେ ମହିଳା ସ୍ତନ କର୍କଟରେ ଆକ୍ରାନ୍ତ ହେଉଛନ୍ତି । ସାବଧାନ ତଥା କେତେକ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ ଦ୍ୱାରା ସ୍ତନ କର୍କଟ ଆଶଙ୍କା ରହେନାହିଁ । ନିତିଦିନିଆ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତୁ । ଠିକ୍ ସମୟରେ ଶୋଇବା ଓ ଉଠିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସନ୍ତୁଳିତ ତଥା ଭିଟାମିନ ଡି, ସି ଏବଂ ବି-୧୨ ପେଷାକଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ । ତାଜା ଫଳ, ସବୁଜ ପନିପରିବା, ଶାଗ ସାମିଲ କରନ୍ତୁ । କଂଚା ରସୁଣ କର୍କଟ ପ୍ରତିରୋଧକ ହୋଇଥିବାରୁ ପ୍ରତିଦିନ ଖାଦ୍ୟରେ ଖାଇବା ଉପକାରୀ । ସବୁଜ ଚାହା ପିଅନ୍ତୁ । ଏହା ଏଣ୍ଟିଅକ୍ସିଡାଣ୍ଟଯୁକ୍ତ ହୋଇଥିବାରୁ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ । ନିୟମିତ ବ୍ୟାୟାମ ଦ୍ୱାରା ସ୍ତାନ କର୍କଟ ସମସ୍ୟା ଦୂରହୁଏ । ପ୍ରତିଦିନ କିଛି ସମୟ ଚାଲନ୍ତୁ କିମ୍ବା ଧୀରେ ଦୌଡ଼ନ୍ତୁ । ସନ୍ତରଣ ଅଭ୍ୟାସ କରିପାରନ୍ତି । ଏହାଦ୍ୱାରା ଓଜନ ଠିକ୍ ରହେ, ରକ୍ତ ଚାପ ନିୟନ୍ତ୍ରିତ ହୁଏ, ଯକୃତରେ ଚର୍ବି ଜମେକନାହିଁ ଏବଂ ସ୍ତନ କର୍କଟ ସମସ୍ୟା ଟଳିଯାଏ । ମାନସିକ ଚାପରେ ରହନ୍ତୁ ନାହିଁ । ଚାପରୁ ମୁକ୍ତି ପାଇଁ ସବୁଠାରୁ ଭଲ ଉପାୟ ହେଲା ପ୍ରତିଦିନ ଧ୍ୟାନ ଓ ଯୋଗ ଅଭ୍ୟାସ କରନ୍ତୁ । କର୍କଟ ରୋଗର ପାରିବାରିକ ଇତିହାସ, ଚାଳିଶବର୍ଷ ପରେ ପ୍ରଥମ ସନ୍ତାନ ଜନ୍ମ, ଆଲକହଲ ସେନ, ପ୍ରଜେଷ୍ଟରେନ କ୍ୱିବା ଏଷ୍ଟ୍ରୋଜେନ ହରମନ ବଟିକା ଖାଉଥିବା ମହିଳାଙ୍କ କ୍ଷେତ୍ରରେ ସ୍ତନ କର୍କଟ ଆଶଙ୍କା ଥାଏ । ଏଥିପ୍ରତି ସତର୍କ ହିବା ଜରୁରୀ । ନିୟମିତ ବ୍ୟଧଶନରେ ବିଭାଗୀୟ ଡାକ୍ତରଙ୍କ ଠାରେ ପରୀକ୍ଷା କରାଇବା ଦ୍ୱାରା ସ୍ତନ କର୍କଟ ସମସ୍ୟା ଜଣାପଡ଼େ ।

ଇଦ୍ ପର୍ବ ପାଳିତ

ଖୋର୍ଦ୍ଧା, ୨୫/୦୪ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ରାଉତପଡ଼ା ରେ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି ଇଦ୍-ଉଲ୍-ଫିତର୍ ପର୍ବ ! ସମୂହ ନମାଜ ପାଠ ପରେ ପରସ୍ପରକୁ ଆଲିଙ୍ଗନ କରି ଶୁଭକାମନା ଜଣାଇଲେ ରାଉତପଡ଼ା ମୁସଲମାନ ସାହିର ସେଖ୍ ଅନୁଅର୍ ଅଲ୍ଲୀ ଙ୍କ ପରିବାର। ଏକ ମାସ ଧରି ରମଜାନ ଉପବାସ କରୁଥିବା ବେଳେ ଶେଷଦିନରେ ଇଦ୍-ଉଲ୍-ଫିତର୍ ପର୍ବପଡ଼ିଥାଏ ! ଆଜି ରାଉତପଡ଼ା ଇଦଘା ପଡିଆରେ ସକାଳୁ ସାମୁହିକ ନମାଜ ପାଠ ହୋଇଥିଲା ! ଏହି ଅବସରରେ ଶ୍ରୀ ଅଲ୍ଲୀଙ୍କ ପରିବାରକୁ ସ୍ଥାନୀୟ ସମାଜ ସେବୀ ପ୍ରଦୀପ କୁମାର ସାହୁ ଓ ୨୩ ନମ୍ବର୍ ଜୋନ ଜିଲ୍ଲାପରିଷଦ ଅନାଦି ସାହୁ ଏବଂ ଆନ୍ତର୍ଜାତୀୟ ମାନବ ଅଧିକାର ପରିଷଦର ଗଞ୍ଜାମ ଜିଲ୍ଲା ସଭାପତି ସାଇ ପ୍ରସାଦ ପରିଡ଼ା ଓ ଖୋର୍ଦ୍ଧା ଜିଲ୍ଲା ସଭାପତି ରଜନୀକାନ୍ତ ଜଗଦେବ ପରିବାର ସହ ଭେଟି ସର୍ବତ ଓ ଲଛା ଖାଇ ଅଭିନନ୍ଦନ ଜଣାଇଥିଲେ।

ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବାର୍ଷିକ ଅଧିବେଶନ ଓ ଜିଲ୍ଲା କର୍ମକର୍ତ୍ତା ଚୟନ

ଭଦ୍ରକ, ୨୫/୦୪ (ନି.ପ୍ର): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘର ବାର୍ଷିକ ଅଧିବେଶନ ସ୍ଥାନୀୟ ବନ୍ତ ଛକ ଆଖଣ୍ଡଳେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇ ଯାଇଛି। ଭାରତୀୟ ମଜଦୁର ସଂଘର ଜିଲ୍ଲା ସଭାପତି ମନୋଜ ବସନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଅଧିବେଶନର ସଭାକାର୍ଯ୍ୟରେ ଆଶାକର୍ମୀ ସଂଘର ଭଦ୍ରକ ଜିଲ୍ଲା ସମ୍ପାଦିକା ଲକ୍ଷ୍ମୀପ୍ରିୟା ରାଉତ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟ ବକ୍ତା ଭାବରେ ରାଜ୍ୟ ଆଶାକର୍ମୀ ସଂଘର କାର୍ଯ୍ୟକାରୀ ସଭାନେତ୍ରୀ ଶକୁନ୍ତଳା ଗୋଛାୟତ ଯୋଗ ଦେଇ ରାଜ୍ୟରେ କାର୍ଯ୍ୟରତ ଆଶାକର୍ମୀମାନଙ୍କ ବିଭିନ୍ନ ସମସ୍ୟା, ଅସୁବିଧା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଭାରତୀୟ ମଜଦୁର ସଂଘର ଉପଦେଷ୍ଟା ବିଜୟ କୁମାର ମିଶ୍ର ଯୋଗ ଦେଇ ବିନା ଆନ୍ଦୋଳନରେ ସରକାର କେବେ କାହାରି ଦାବି ପୂରଣ କରି ନାହାନ୍ତି। ଏ ସରକାର ତେଲିଆ ମୁଣ୍ଡରେ ତେଲ ମାରିବାରେ ବ୍ୟସ୍ତ। ମାତ୍ର ଯିଏ ଭୋକିଲା ସେ ସବୁଦିନ କାନ୍ଦୁଛି ବୋଲି କହିଥିଲେ। ଏହି ଅଧିବେଶନରେ ସଂଘର ଆଗାମୀ ଯୋଜାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାରତୀୟ ମଜଦୁର ସଂଘର ଜିଲ୍ଲା ସମ୍ପାଦକ ପରେଶ ନାଥ ଧଳ, ଅଙ୍ଗନୱାଡି ସଂଘର ଜିଲ୍ଲା ସଭାନେତ୍ର ଜୟନ୍ତୀ ଜେନା ଆଶାକର୍ମୀଙ୍କ ହିତ ଉଦ୍ଦେଶ୍ୟରେ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ଆଶାକର୍ମୀ ସଂଘର ଜିଲ୍ଲାସ୍ତରୀୟ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାନେତ୍ରୀ ଭାବେ ତିଳୋତ୍ତମା ସାହୁ, ଉପସଭାନେତ୍ରୀ ମାନସୀ ଜେନା, ଉଷାରାଣୀ ମିଶ୍ର, ସମ୍ପାଦିକା ସଞ୍ଜୁଲତା ରାଉତ, ସହସମ୍ପାଦିକା ରଶ୍ମିତା ଦାସ, ଜୟନ୍ତୀ ପଣ୍ଡା, କୋଷାଧ୍ୟକ୍ଷା ଭାବେ ନିରୂପମା ପତ୍ରୀଙ୍କୁ ଚୟନ କରାଯାଇଥିଲା।

ଅଗ୍ରଗାମୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା, ୨୫/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଚଳାନପଡା ଗୋଇମୁଣ୍ଡି ଅଗ୍ରଗାମୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅନୁଷ୍ଠାନର ନିର୍ଦ୍ଦେଶକ କ୍ଷୀରପ୍ରସାଦ ରାଉତରାୟ ଅଧ୍ୟକ୍ଷତା କରି ବର୍ତମାନ ସାରା ରାଜ୍ୟରେ କଳାର ଅବନତି ଦେଖା ଦେଇଥିବା ପ୍ରକାଶ କରିଥିଲେ । ଅଗ୍ରଗାମୀ କଳା ଓ ସାଂସ୍କୃତିକ ଅନୁଷ୍ଠାନ ଗତ ୩୩ ବର୍ଷ ରେ ୧୫ ଗୋଟି ନାଟକ ପରିବେଷଣ କରି କଳାକୁ ଉଜ୍ଜୀବିତ କରି ଅଞ୍ଚଳରେ କଳାକୁ ବଂଚାଇ ଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ନାଟକକୁ କ୍ଷୀର ପ୍ରସାଦ ରାଉତରାୟ ନିର୍ଦ୍ଦେଶନା ଦେଉଥିବା ବେଳେ ସହ ନିର୍ଦ୍ଦେଶନା ଭାବେ ପ୍ରହ୍ଲାଦ ପଣ୍ଡା ଦେଉଛନ୍ତି । ଅନୁଷ୍ଠାନର ସଭାପତି ଅରବିନ୍ଦ ସିଂ ବାରିକ, ଉପ ସଭାପତି ନରେଶ ବାରିକ, ସମ୍ପାଦକ ସୌରଭ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ନାଟକର ବିଭିନ୍ନ ଭୂମିକାରେ ରାଜକପୁର ବାରିକ, ପ୍ରଶାନ୍ତ ବାରିକ, ଚିତରଞ୍ଜନ ରାଉତ, ଅନନ୍ତ କୁମାର ବାରିକ, ମକରଧ୍ୱଜ କାଣ୍ଡ ,ଶଶ କୁମାର ରାଉତରାୟ, ଶୁଧାଂଶୁ ଶେଖର ବାରିକ, ରମା ରଞ୍ଜନ ରାଉତ, କୂଳଦୀପ ପ୍ରଧାନ, ପାର୍ଥ ସାରଥୀ ବାଗ, ସମୀର ରଞ୍ଜନ ବାରିକ, ସୌରଭ ବାରିକ, ଅରବିନ୍ଦ ବାରିକ, ଅମିତ ବାରିକ, ରୋଶନ ତାଣ୍ଡି, କାହ୍ନା ବାରିକ, ଶ୍ରୀକାନ୍ତ ବାରିକ ସମେତ ରାଉରକେଲାର ୪ ଜଣ ନାରୀ କଳାକାର ନାଟକ ପରିବେଷଣ କରିବେ । ସଙ୍ଗୀତ ନିର୍ଦ୍ଦେଶନାରେ ଶୁରଞ୍ଜନ ବାଗ, ବାଦ୍ୟରେ ମୁରଲୀଧର ପଟେଲ, ଜଳନ୍ଧର ନିଆଲ, ବିଟୁ ମେହେର, ଆନୀଳ କୁମାର ରାଉତ, କଣ୍ଠ ଶିଳ୍ପୀରେ ରାସବିହାରି ଘିଭେଲା, ଶୁଶ୍ରୀ ସ୍ୱରୂପା ଆଚାର ?୨୨, ମମତା ପଟେଲ ଅଛନ୍ତି । କାର୍ଯ୍ୟକ୍ରମରେ ସୁରେଶ ରାଉତ, ପ୍ରଦ୍ୟୁମ୍ନ ବାରିକ, ଦେବେଶ୍ୱର ବାରିକ, ଜ୍ୟୋତିର୍ମୟ ବାରିକ, କରୁଣା ସାଗର, ମୁନୁକୁ ରାଉତ, ଗଣଦୀପ ସରାଫ ସହଯୋଗ କରୁଥିବା ବେଳେ ଉପଦେଷ୍ଟାରେ କେତନ ସିଂ ବାରିକ, ବଳଦେବ ରାଉତ, ଧନସିଂ ବାରିକ, ଦାୟନିଧି ଚଳାନ, ଶୁଶୀଳ ଚଳାନ ପ୍ରମୁଖ ଥିବା ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଥିଲେ। ଏହି ସାମାଜିକ ନାଟକ ମଂଚସ୍ଥ ହେବ ।

କାଇପଦର ବାଦପାଲା କମିଟିର ନୂତନ କର୍ମକର୍ତ୍ତା ନିର୍ବାଚିତ

ଖୋର୍ଦ୍ଧା, ୨୫/୦୪ (ନି.ପ୍ର): କାଇପଦର ବାଦପାଲା କମିଟି ଏକ ବଡ଼ ଧରଣ ସଭା ଗ୍ରାମ ସତ୍ୟନରଣ ମନ୍ଦିର ପ୍ରାଙ୍ଗଣ ଓ ଗ୍ରାମ ମୁଖ୍ୟ ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ମଙ୍ଗରାଜ ସଭାପତିତ୍ୱରେ ହୋଇ ଥିଲା । ସବୁ ସାହିରୁ ପ୍ରାୟ ବହୁ ସଭ୍ୟ ଓ ବିଶିଷ୍ଟ ବେକ୍ତୀ ବିଶେଷ ଉପସ୍ଥିତ ଥିଲେ । ଏହି ବର୍ଷର ହିସାବ, ଆୟ , ବେୟ ଆଲୋଚନା କରାଯାଇ ଗ୍ରାମ ବାସୀଙ୍କୁ ଜଣାଇ ଦିଆ ଯାଇଥିଲା। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଓ ସମତି ସଭ୍ୟ ପ୍ରତିନିଧି ଜଥା କ୍ରମେ ବିଜୟା ନନ୍ଦ ଅରିସଲ ,ରବି ସାମନ୍ତରାୟ ଉପସ୍ଥିତ ଥିଲେ। ଗ୍ରାମର କିଛି ମୁଖ୍ୟ ବୁଦ୍ଧିଜିବି ଉପସ୍ଥିତୀରେ ନୁତନ କର୍ମ କର୍ତ୍ତା ନିର୍ବାଚିତ ହେଇ ଥିଲେ। ସଭାପତି ଭାବେ ଶ୍ରୀଯୁକ୍ତ ତପନ କୁମାର ପାତ୍ର ଓ ସମ୍ପାଦକ ଭାବେ ନରେନ୍ଦ୍ର କୁମାର ଜେନା ନିର୍ବାଚିତ ହୋଇ ଥିଲେ। ତାଂକୁ ସହଯୋଗ କରିବା ପାଇଁ କିଛି ପୁରୁଣା ଓ ନୂଆ ସଭ୍ୟ ବାଦପାଲା ସମୟେ ସାହଯ୍ୟ କରିବେ। ବଳକା ଟଂକା ସଭାପତି ଓ ସମ୍ପାଦକ ନାମରେ ସ୍ଥାନୀୟ ବାଙ୍କ ରହିବ ବୋଲି ନିଷ୍ପତ୍ତି ନିଆ ଗଲା। ଏହି କମିଟି ଏକ ବିବରଣୀ ଖାତା କରାଯାଇ ସବୁ ଉପସ୍ଥିତ ସଭ୍ୟଙ୍କ ଦସଖସ୍ତ କରାଯାଇ ଥିଲା। ଉକ୍ତ ଗ୍ରାମର କାମନା ଠାକୁରଙ୍କ ମନ୍ଦିର । ପରିଚାଳନା ପୁର୍ବ ପରମ୍ପରା ଅନୁଯାୟୀ ଚାଲିବ। ଏହି କମିଟି କିଛି ଅସୁବିଧା ପୂର୍ବକ ଖଞ୍ଜା ସାତ ଜଣ ସଭ୍ୟ ମିଳିମିଶି ମାନ ମନାନ୍ତର ଭୂଲି ଠାକୁର ବିଧି ବିଧାନ କରିବେ ବୋଲି ସଭା ନିଷ୍ପତ୍ତି ନେଲା। କିଛି ଅସୁବିଧା ହେଲେ ଗ୍ରାମ କମିଟିକୁ ଜଣାଇବେ। ସମସ୍ତ ଗ୍ରାମ ବାସୀ ଓ ଉପସ୍ଥିତ ସଭ୍ୟ ଆନନ୍ଦ ପ୍ରକାଶ କରି ସଭାପତିଙ୍କୁ ଧନ୍ୟବାଦ ସହ ସଭା ସାଙ୍ଗ କରାଗଲା।

କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ବୈଠକ

କନ୍ଧମାଳ, ୨୫/୦୪ (ନି.ପ୍ର): କନ୍ଧମାଳ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପ୍ରଥମ ବୈଠକ ଆଜି ଅଧ୍ୟକ୍ଷ ରୋଦନ ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ରୋଦନ ମଲ୍ଲିକ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ ଥିଲେ। ଏହି ବୈଠରେ କନ୍ଧମାଳ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ ଯୋଗଦେଇ ଚଳିତ ଆର୍ଥିକ ବର୍ଷରେ କଣ କଣ କାର୍ଯ୍ୟକ୍ରମ ହାତକୁ ନିଆଯିବ ତାହା ଉପରେ ଆଲୋଚନା କରିଥିଲେ। ଯୋଜନାର ସବିଶେଷ ବିବରଣୀ ଆଟିଡିଏ ର ପ୍ରକଳ୍ପ ପ୍ରଶାସକ ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନୋଡାଲ ଅଧିକାରୀ ନରେଶ ଚନ୍ଦ୍ର ଶବର ଉପସ୍ଥାପନା କରି ସାଂସ୍କୃତିକ ଗୃହ, ଜନଜାତି ହାଟ, ଦେବସ୍ଥଳୀର ବିକାଶ, ଜିଲ୍ଲା ଜନଜାତି ସଂଗ୍ରହାଳୟ ପ୍ରତିଷ୍ଠା, ଜିଲ୍ଲାର ଖେଳକୁଦର ବିକାଶ, ଦକ୍ଷତା ବିକାଶ ତାଲିମ, ପ୍ରତ୍ୟେକ ବ୍ଲକରେ ସ୍ୱତନ୍ତ୍ର ସ୍ୱେଚ୍ଛାସେବୀ ନିଯୁକ୍ତି ଆଦି ଅନେକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ।

ରାଉରକେଲା ଇସ୍ପାତ କାରଖାନାର ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା ସୁରକ୍ଷା ନାଟକ ସୁରକ୍ଷାର ପଥେ ମଞ୍ଚସ୍ଥ

ରାଉରକେଲା, ୨୫/୦୪ (ନି.ପ୍ର): ଟ୍ରାଫିକ ଏବଂ କଞ୍ଚାମାଲ ବିଭାଗରେ ଆୟୋଜିତ ସୁରକ୍ଷା ପ୍ରଦର୍ଶନୀ ୨୦୨୩ର ଉଦଯାପନୀ ଉତ୍ସବରେ ବିଭାଗର କର୍ମଚାରୀମାନଙ୍କ ପକ୍ଷରୁ ଏପ୍ରିଲ୨୪ ତାରିଖରେ ଏକ ସୁରକ୍ଷା ନାଟକ ମଞ୍ଚସ୍ଥ ହୋଇଥିଲା।। ଏହି ଅବସରରେ ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ଏସ ଆର ସୂର୍ଯ୍ୟବଂଶୀ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ପି କେ ଶତପଥୀ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ, ଶ୍ରୀ ସୋମନାଥ ତ୍ରିପାଠୀ, ଦକ୍ଷିଣ ପୂର୍ବାଞ୍ଚଳ ରେଳବାଇ, ବଣ୍ଡମୁଣ୍ଡାର ଏଆରଏମ,ଶ୍ରୀ ଆର.କେ.ମହାନ୍ତି, ମୁଖ୍ୟ ମହାପ୍ରବନ୍ଧକ ସମେତ ବରିଷ୍ଠ ଅଧିକାରୀ, ବିଭାଗର କର୍ମଚାରୀ ଓ ଠିକା ଶ୍ରମିକମାନେ ଉପସ୍ଥିତ ଥିଲେ। ଡ଼ିଆଇସିଙ୍କ ସମେତ ଅନ୍ୟ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହ ଷ୍ଟଲ ଗୁଡିକୁ ବୁଲି ଦେଖିଥିଲେ ଓ ପ୍ରଦର୍ଶିତ ସୁରକ୍ଷା ପୋଷ୍ଟର ପ୍ରତି ସେମାନେ ନିଜର ଆଗ୍ରହ ପ୍ରକାଶ କରିଥିଲେ। ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ଭୌମିକ, ସୁରକ୍ଷା ସଚେତନତାକୁ ସୁଦୃଢ କରିବା ସହ ସୁରକ୍ଷା ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଏଭଳି କାର୍ଯ୍ୟକ୍ରମ ନିଶ୍ଚିତ ରୁପେ ପ୍ରଭାବଶାଳୀ ବୋଲି କହିଥିଲେ। ଏଥି ସହିତ ସେ ପୁଣି କହିଥିଲେ ଯେ "ସୁରକ୍ଷା ହେଉଛି ପ୍ରତ୍ୟେକଙ୍କର ଦାୟିତ୍ୱ ଏବଂ ଦୁର୍ଘଟଣା ମୁକ୍ତ ଇସ୍ପାତ ତିଆରି କରିବାର ସ୍ୱପ୍ନ ବାସ୍ତବରୂପ ନେଇପାରେ କେବଳ ପ୍ରତ୍ୟେକ କର୍ମଚାରୀଙ୍କ ଅବଦାନଯୋଗୁଁ। ଆପଣମାନଙ୍କ ଅବଚେତନା ମନରେ ସୁରକ୍ଷାକୁ ପ୍ରାଥମିକତା ଭାବରେ ରଖନ୍ତୁ ଯାହାକି ଶୂନ୍ୟ ଦୁର୍ଘଟଣାର ଇଚ୍ଛାକୃତ ଲକ୍ଷ୍ୟ ହାସଲ କରିବା ଦିଗରେ ନିଶ୍ଚିତ ଭାବରେ ସହାୟକ ହେବ ବୋଲି ସେ ସୂଚିତ କରିଥିଲେ।

ବିଶାଳ ରାକ୍ଷସ ମିଷ୍ଟର ଆକ୍ସିଡେଣ୍ଟକୁ ପରାସ୍ତ କରିବା ପାଇଁ ସୁରକ୍ଷା ସ୍ଟିଟ୍ ପାଞ୍ଚଟି ଭିନ୍ନ ଦିଗର ସାମୂହିକ ଶକ୍ତି ଯଥା ଆଜ୍ଞାକାରିତା, ଦକ୍ଷତା, ଦାୟିତ୍ୱ, ଜ୍ଞାନ ଓ ମନୋଭାବକୁ ସୁସ୍ପଷ୍ଟ ଦର୍ଶାଯାଇଥିଲା। ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଇୟାର୍ଡ ମାଷ୍ଟର ଶ୍ରୀ ଆର.ସି.ମହାନ୍ତିଙ୍କ ଦ୍ୱାରା ଏହି ନାଟକଟି ରଚନା କରିଥିବାବେଳେ ତାଙ୍କ ଦ୍ୱାରା ନିର୍ଦ୍ଦେଶନା ଦିଆଯାଇଥିଲା। ଉକ୍ତ ନାଟକର ଅଂଶ ବିଶେଷ ରୁପେ ଅଭିନେତାମାନେ ମଧ୍ୟ ସୁରକ୍ଷା ଶପଥ ନେଇଥିଲେ ।

ପ୍ରାରମ୍ଭରେ, ଟି ଆଣ୍ଡ ଆରଏମ୍ ବିଭାଗର ସିଜିଏମ୍ ଶ୍ରୀ ଅରୁଣ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିଭାଗର ଜିଏମ, ଶ୍ରୀ ଏସ୍.କେ ଭୁୟାନ୍ ଉତ୍ସବର ପରିଚାଳନା କରିଥିଲେ। ବିଭାଗର ସହାୟକ ପ୍ରବନ୍ଧକ, ଶ୍ରୀ ପି.ସି. ନାୟକ, ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମକୁ ସଞ୍ଚାଳନା କରିଥିଲେ।

ଆଦାନି ଫାଉଣ୍ଡେସନ ପକ୍ଷରୁ ବିଶ୍ୱ ପୁସ୍ତକ ଦିବସ ପାଳିତ

ଧାମରା, ୨୫/୦୪ (ନି.ପ୍ର): ପୁସ୍ତକ ପଠନ ପ୍ରତି ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଏପ୍ରିଲ ମାସ ୨୩ ତାରିଖକୁ ୟୁନେସ୍କୋ ପକ୍ଷରୁ 'ବିଶ୍ୱ ପୁସ୍ତକ ଦିବସ' ପାଳନ କରାଯାଉଛି। ଏହି ଅବସରରେ ଆଦାନି ଫାଉଣ୍ଡେସନ ପକ୍ଷରୁ ଉତ୍‌ଥାନ ପ୍ରକଳ୍ପ ଅଧିନରେ ଧାମରା ଅଞ୍ଚଳରେ ଏହି ଦିବସ ସମସ୍ତ ଉତ୍‌ଥାନ କେନ୍ଦ୍ରଗୁଡ଼ିକରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ଏହି ଦିବସର ଥିମ୍ ବା ବିଷୟବସ୍ତୁ ଥିଲା 'ସ୍ୱଦେଶୀ ଭାଷା' । ଗ୍ରୀଷ୍ମକାଳୀନ ଛୁଟି ଯୋଗୁଁ ଉତ୍‌ଥାନ ସହାୟକମାନେ ଗୋଷ୍ଠୀକେନ୍ଦ୍ରରେ ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକ ପ୍ରଦର୍ଶନ, ନାଟକ ପ୍ରଦର୍ଶନ ପରି ବିଭିନ୍ନ ପ୍ରକାର କାର୍ଯ୍ୟକଳାପର ଆୟୋଜନ କରାଯାଇଥିଲା। ଏହି ଅବସରରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପାଠ୍ୟପୁସ୍ତକ ବଣ୍ଟନ କରାଯିବା ସହ ସେମାନଙ୍କ ମଧ୍ୟରେ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ପ୍ରୟାସ କରାଯାଇଥିଲା । ଛାତ୍ରଛାତ୍ରୀମାନଙ୍କ ସହ ଅଭିଭାବକମାନେ ମଧ୍ୟ ବିଭିନ୍ନ କାର୍ଯ୍ୟକଳାପରେ ଅଂଶଗ୍ରହଣ କରିଥିଲେ। ସମସ୍ତ ସରକାରୀ ବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଛୁଟି ଘୋଷଣା ହୋଇଥିବା ବେଳେ, ଆଗାମୀ ୨ ମାସ ପାଇଁ ବିଦ୍ୟାର୍ଥୀମାନଙ୍କୁ ମୁଖ୍ୟସ୍ରୋତକୁ ଆଣି ବିଭିନ୍ନ ପ୍ରକାର ପାଠ୍ୟକ୍ରମ ବର୍ହିଭୂତ କାର୍ଯ୍ୟକଳାପରେ ଜଡ଼ିତ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୁଖ୍ୟ ପ୍ରାଥମିକତା । ଏହି ଛୁଟି ସମୟରେ ଆଦାନି ଫାଉଣ୍ଡେସନ ସମସ୍ତ ବିଦ୍ୟାଳୟରେ ଗ୍ରୀଷ୍ମ ଶିବିର ଆୟୋଜନ କରିବାକୁ ଯୋଜନା ରଖିଛି । ଧାମରା ଅଞ୍ଚଳରେ ଏହି ପ୍ରକଳ୍ପ ଦ୍ୱାରା ତିନୋଟି କ୍ଲଷ୍ଟରରେ ୪୬ଟି ବିଦ୍ୟାଳୟର ୩୦୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ସିଧାସଳଖ ଲାଭାନ୍ୱିତ ହୋଇପାରିଛନ୍ତି।

ବଲାଙ୍ଗିରରେ ନୂତନ ଗାୟତ୍ରୀ ମନ୍ଦିରର ରନ୍‌ମୁଦ କାର୍ଯ୍ୟକ୍ରମ

ବଲାଙ୍ଗିର, ୨୫/୦୪ (ନି.ପ୍ର): ନିର୍ମାଣାଧୀନ ଗାୟତ୍ରୀ ମନ୍ଦିରର ରନ୍‌ମୁଦ କାର୍ଯ୍ୟକ୍ରମ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ଗାୟତ୍ରୀ ପରିବାର ଟ୍ରଷ୍ଟ ବଲାଙ୍ଗିର ଦ୍ୱାରା ରନ୍‌ମୁଦ କାର୍ଯ୍ୟକ୍ରମ ସମାରୋହ କାମାକ୍ଷୀ ନଗର ଠାରେ ଅନୁଷ୍ଠିତ ହୋଇଯାଇଛି। ବଲାଙ୍ଗିର ନିକଟସ୍ଥ ଖମାର ମୁଣ୍ଡା ନିକଟରୁ ପବିତ୍ର ସାହାଡ଼ା ଗଛକୁ ବରଣ ପୂଜନ କରାଯାଇଥିଲା। ତତ୍ ପଶ୍ଚାତ୍ ନିର୍ମଣାଧୀନ ମନ୍ଦିର ପରିସରରେ ଗାୟତ୍ରୀ ଯଜ୍ଞ, ଇନ୍ଦ୍ର ଇନ୍ଦ୍ରାଣୀ ପୂଜନ, ରନ୍‌ମୁଦ ପୂଜା ଇତ୍ୟାଦି ବୈଦିକ କର୍ମକାଣ୍ଡ ସମ୍ପନ୍ନ ହୋଇଥିଲା। କର୍ତା ଭାବରେ ଟିକେଲାଲ ନାଏକ ଓ ତାଙ୍କ ସହଧର୍ମିଣୀ ନୀଳିମା ନାଏକ ଦାୟିତ୍ୱ ନିର୍ବାହ କରିଥିଲେ। ଗାୟତ୍ରୀ ତୀର୍ଥ ଶାନ୍ତିକୁଞ୍ଜ ହରିଦ୍ୱାରରୁ ପ୍ରତିନିଧି ଭାବରେ କୁମାର ପଧାନଙ୍କ ଦ୍ୱାରା ସମସ୍ତ ବୈଦିକ କର୍ମକାଣ୍ଡ ସମ୍ପନ୍ନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟବୋର୍ଡ଼ର ସମସ୍ତ କର୍ମକର୍ତା, ଶ୍ରଦ୍ଧାଳୁ ଜନସାଧାରଣ ଉପସ୍ଥିତ ରହି ଉତ୍ସାହ ବର୍ଦ୍ଧନ କରିଥିଲେ। ଶେଷରେ ପ୍ରସାଦ ସେବନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

ବିଦ୍ୟାଳୟର ପାଚେରୀ ଭାଙ୍ଗିଦେଲେ ଦୁର୍ବୃତ

ନିମାପଡ଼ା, ୨୫/୦୪ (ନି.ପ୍ର): ରବିବାର ବିଳମ୍ବିତ ରାତିରେ ବଳଙ୍ଗା ନିମାପଡା ରାସ୍ତାର ତରବୋଇ ସ୍ଥିତ ଲକ୍ଷ୍ମୀ ନୃସିଂହ ଉଚ୍ଚ ବିଦ୍ୟାଳୟର ନିର୍ମାଣଧିନ ପାଚେରୀକୁ ଦୁର୍ବୃତ ମାନେ ଭାଙ୍ଗି ଦେଇଥିବା ନେଇ ସୋମବାର ଦିନ ଥାନାରେ ଲିଖିତ ଅଭିଯୋଗ ହୋଇଛି । ଲକ୍ଷ୍ମୀନୃସିଂହ ଉଚ୍ଚବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଥିବା ରେସିଙ୍ଗା ଗ୍ରାମର ଧରଣିଧର ବେହେରାଙ୍କ ଅଭିଯୋଗ ଅନୁଯାୟୀ ଚଳିତ ବର୍ଷ ଉକ୍ତ ବିଦ୍ୟାଳୟର ଶହେଫୁଟ ପାଚେରୀ ନିର୍ମାଣ ପାଇଁ ଏମଏଲ ପାଣ୍ଠିରୁ ଦେଢ଼ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଥିଲା ବେଳେ କାର୍ଯ୍ୟାଦେଶଟି ରେସିଙ୍ଗା ଗ୍ରାମର ଅମିୟ କୁମାର ଖୁନ୍ଟିଆଙ୍କ ନାମରେ ରହିଥିଲା । ତେବେ ଏହି

ନୀଳଗିରି ଏନ.ଏ.ସି.ରେ ବିଜେଡି କାଉନସିଲର ଓ ଅଧ୍ୟକ୍ଷାଙ୍କ ମଧ୍ୟରେ ଗୋଷ୍ଠୀକନ୍ଦଳ : ସ୍ୱତନ୍ତ୍ର ବୈଠକରେ ତୁ ତୁ ମୈଁ ମୈଁ

ନୀଳଗିରି,୨୫/୪(ନିପ୍ର) : ଗତ ପୌର ନିର୍ବାଚନରେ ନୀଳଗିରି ଏନ.ଏ.ସି.ର ଶାସକ ବିଜେଡି ଦଳ ୮ଟି ୱାର୍ଡରେ ବିଜୟ ଲାଭ କରିଥିବା ବେଳେ ବିଜେପି ୩ଟି ୱାର୍ଡ, କଂଗ୍ରେସ ୧ଟି ୱାର୍ଡ ଓ ସ୍ୱାଧୀନ ପ୍ରାର୍ଥୀ ୧ଟି ୱାର୍ଡରେ ବିଜୟ ଲାଭ କରିଥିଲେ । ଶାସକ ବିଜେଡି ଦଳ ସଂଖ୍ୟା ଗରିଷ୍ଠତା ହାସଲ କରିଥିବା ବେଳେ ଅଧ୍ୟକ୍ଷା ଭାବେ ଅମ୍ବିକା ଦାସ ବିଜେଡି ଟିକେଟରେ ନିର୍ବାଚନରେ ବିଜୟ ଲାଭ କରି ନୀଳଗିରି ଏନ.ଏ.ସି.କୁ ଦଖଲ କରିଥିଲେ । କିଛି ମାସ ଧରି ଶାନ୍ତିପୂର୍ଣ୍ଣ ଭାବେ ପରିଷଦରେ ଅନେକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ପରେ ବିଜେଡି କାଉନସିଲର ମଧ୍ୟରେ ବିବାଦ ସୃଷ୍ଟି ହେବା ସହ ଦଳ ମଧ୍ୟରେ ଗୋଷ୍ଠୀ କନ୍ଦଳ ଲାଗି ରହିଥିଲା । ଏ ଯାବତ ଏହି ଶୀତଳ ଯୁଦ୍ଧ ଲାଗି ରହିଥିବା ବେଳେ ଆଜି ପରିଷଦରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ୮ଜଣ ବିଜେଡି କାଉନସିଲର ବୈଠକର ଆଲୋଚନା କପି ଦେବାକୁ ନେଇ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରେ ଦାବୀ କରିଥିଲେ । ମାତ୍ର ୩ଦିନ ପରେ ରିଜୋଲୋସନ କପି ଦିଆଯିବ ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ କହିବାରୁ ୮ଜଣ କାଉନସିଲର ଯିଦ୍‌ରେ ଅଟଳ ରହିବାରୁ ଶେଷରେ ହାତଲେଖା କପି ନିର୍ବାହୀ ଅଧିକାରୀ ପ୍ରଦାନ କରିଥିଲେ । ପ୍ରାପ୍ତ ସୂଚନା ଅନୁସାରେ ନୀଳଗିରି ଏନ.ଏ.ସି.ର ଆଜି ଏକ ସ୍ୱତନ୍ତ୍ର ବୈଠକ ଅଧ୍ୟକ୍ଷା ଅମ୍ବିକା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ୧୩.୧.୨୩ରେ ପ୍ରସ୍ତାବ ନଂ.୨ ରେ ଆୟବ୍ୟୟ ସମୀକ୍ଷା ବିଷୟରେ ଆଲୋଚନା କରାଯିବା ସହ ଅଧ୍ୟକ୍ଷା ଶ୍ରୀମତୀ ଦାସ ପ୍ରତ୍ୟେକମାସର ଆୟବ୍ୟୟ ର ସମସ୍ତ ହିସାବ ଉପସ୍ଥାପନା କରିଥିଲେ । ମାତ୍ର ପରିଷଦର କିଛି ସଭ୍ୟ/ସଭ୍ୟା ଉନ୍ନୟନ କାର୍ଯ୍ୟ ସହ ଅନ୍ୟାନ୍ୟ ଖର୍ଚ୍ଚ ଉପରେ ଆପତି କରିଥିଲେ । ଏପଟେ ଉପନଗରପାଳ ନଗରପାଳଙ୍କ ଠାରେ ନିଯୁକ୍ତି ପାଇଥିବା ଡି.ଇ.ଓ. କେଉଁ ଆଧାରରେ ନିଯୁକ୍ତି ଦିଆଯାଇଅଛି ଏ ପ୍ରସଙ୍ଗ ଉପସ୍ଥାପନା କରିଥିଲେ । ଏ ନେଇ ୧୮.୪.୨୨ରିଖରେ ପରିଷଦ ବୈଠକରେ ସମସ୍ତ କାଉନସିଲରଙ୍କ ମଂଜୁର ଗ୍ରହଣ ପରେ ନିଯୁକ୍ତି ଦିଆଯାଇଥିବା ଅଧ୍ୟକ୍ଷା ଅବଗତ କରିଥିଲେ । ତେବେ ଶାସକ ଦଳର ଅଧ୍ୟକ୍ଷା ଓ ୮କାଉନସିଲର ମଧ୍ୟରେ ତୁତୁ ମୈଁ ମୈଁ ବିବାଦକୁ ନେଇ ଗୋଷ୍ଠୀକନ୍ଦଳ ଚାଲିଥିବା ବେଳେ ଏବେ ନଗରପାଳଙ୍କ ବିରୋଧରେ ୮ଜଣ କାଉନସିଲର ମେଳି ବାନ୍ଧିଛନ୍ତି । ନଗରପାଳ ଅମ୍ବିକା ଦାସ ଆଜିର ସ୍ୱତନ୍ତ୍ର ବୈଠକରେ ସମସ୍ତ ଆୟବ୍ୟୟର ହିସାବ ଉପସ୍ଥାପନ କରିଥିବା ବେଳେ କେବଳ ପି.ସି. ପାଇଁ ଏପରି ଷଡ଼ଯନ୍ତ୍ର କରୁଛନ୍ତି କହିଥିବା ବେଳେ ଉପନରଗପାଳ ସ୍ଥାନୀୟ ବିଧାୟକଙ୍କ କଥାରେ ପରିଚାଳିତ ହୋଇ ନଗରପାଳ ଦୁର୍ନିତୀ କରୁଥିବାର ସୂଚନା ଦେଇଛନ୍ତି । ଏନ.ଏ.ସି.ରେ କୌଣସି ପ୍ରକାର ଦୁର୍ନୀକୁ ପ୍ରଶ୍ରୟ ଦେଇ ନ ଥିବା ନଗରପାଳ ପ୍ରକାଶ କରିଥିବା ବେଳେ ଜନୈକ ବରିଷ୍ଠ ବିଜେଡି ନେତାଙ୍କ ନିର୍ଦ୍ଦେଶରେ କିଛି କାଉନସିଲ ଏପରି କରୁଥିବା ନଗରପାଳ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଅବସରପ୍ରାପ୍ତ ରାଜ୍ୟ କର୍ମଚାରୀଙ୍କ ଦାବି ସପ୍ତାହ ପାଳନ : ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ

ବାଲେଶ୍ୱର,୨୫/୪(ନିପ୍ର) : ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘ ବାଲେଶ୍ୱର ଦ୍ୱାରା ରାଜ୍ୟ ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କର ବିଭିନ୍ନ ଦାବି ସମ୍ବନ୍ଧରେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ନିଲୁ ମହାପାତ୍ରଙ୍କୁ ଏକ ସ୍ମାରକପତ୍ର ଦିଆଯାଇଛି । ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ସଂଘ, କଟକର ଆହ୍ୱାନ ଓ ନେତୃତ୍ୱରେ ରାଜ୍ୟବ୍ୟାପୀ ଅପ୍ରେଲ୍ ୨୪ ତାରିଖ ଠାରୁ ମଇ ୧ ତାରିଖ ପର୍ଯ୍ୟନ୍ତ ନଅ ଦଫା ଦାବି ପୂରଣ ନିମନ୍ତେ ଦାବି ଦିବସକୁ ବାଲେଶ୍ୱର ଜିଲ୍ଲା ସଂଘ ସହିତ ବିଭିନ୍ନ ଶାଖା ସଂଘ ମଧ୍ୟ ପାଳନ କରୁଅଛି । ଜିଲ୍ଲା ସଦର ମହକୁମାରେ ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ ବେଳେ ସଂଘର ସଭାପତି ଇଂ. ବନମାଳୀ ନାୟକ, କାର୍ଯ୍ୟକାରୀ ସଭାପତି ଇଂ. ଗୌରାଙ୍ଗ ସାହୁ, ସମ୍ପାଦକ ଶ୍ରୀ ବସନ୍ତ କୁମାର ନାୟକ, ଯୁଗ୍ମ ସମ୍ପାଦକ ଶ୍ରୀ ସୁଦର୍ଶନ ଦାସ, ଯୁଗ୍ମ ସମ୍ପାଦିକା ସାବିତ୍ରୀ ଦାସ, ସଂଗଠନ ସମ୍ପାଦକ ଶ୍ରୀ ସୁଜିତ୍ କୁମାର ଜେନା, କେଶବ ଚନ୍ଦ୍ର ମହାନ୍ତି, ଶ୍ରୀମତୀ ରୀତା ରାୟ, ଅଜିତ୍ କୁମାର ଦେ ସରକାର, ବେଣୁଧର ପାଲ, ଇଂ. ରାମଚନ୍ଦ୍ର ସେଠୀ, ଡା. ତାରାକାନ୍ତ ନନ୍ଦ, ଜ୍ଞାନେନ୍ଦ୍ରନାଥ ସାହୁ ଉପସ୍ଥିତ ଥିଲେ । କର୍ମଚାରୀଙ୍କର ପ୍ରମୁଖ ସମସ୍ୟା ମଧ୍ୟରେ ଅନ୍ୟ ୨୬ଟି ରାଜ୍ୟ ଭଳି ଅବସରପ୍ରାପ୍ତ କର୍ମଚାରୀଙ୍କୁ ଚିକିତ୍ସାଭ । ପ୍ରଦାନ, ପୂର୍ବଭଳି ଅଭିଯୋଗ ଓ ପେନସନ୍ ବିଭାଗକୁ କାର୍ଯ୍ୟକ୍ଷମ କରାଇବା, ସପ୍ତମ ଦରମାର ଅସଙ୍ଗତି ଦୂରୀକରଣ, ୮୦ବର୍ଷ ପରେ ଦିଆଯାଉଥିବା ୨୦%କୁ ୬୫ବର୍ଷ, ୭୦ବର୍ଷ, ୭୫ବର୍ଷରେ ଭାଗକରି ପ୍ରଦାନ, ପୂର୍ବଭଳି ଅବସର ପେନସନ ପ୍ରଚଳନ ସହିତ ପରିବାର ପେନସନ ପ୍ରଦାନ ବ୍ୟବସ୍ଥା କରିବା, ରେଳ ଓ ସମସ୍ତ ବସ୍‌ରେ ବରିଷ୍ଠ ଓ ପେନସନଭୋଗୀଙ୍କୁ ରିହାତି ପ୍ରଦାନ, କୋଭିଡ୍ ସମୟରେ ବନ୍ଦ ଥିବା ଅତିରିକ୍ତ ଭ ।କୁ ପ୍ରଦାନ ଇତ୍ୟାଦି ଉଲ୍ଲେଖନୀୟ । ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସଂଘର କର୍ମଚାରୀମାନେ ଆଶାପୋଷଣ କରିଛନ୍ତି ।

ସମ୍ବଲପୁରରେ ହିନ୍ଦୁ ସମାଜ ଉପରେ ଆକ୍ରମଣକୁ ନିନ୍ଦା କରି ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି

ଭଦ୍ରକ,୨୫/୪(ନିପ୍ର) : ସମ୍ବଲପୁରରେ ଗତ ୧୪ ତାରିଖ ହନୁମାନ ଜୟନ୍ତୀ ଅବସରରେ ହିନ୍ଦୁ ମାନଙ୍କ ଉପରେ ହୋଇଥିବା ବର୍ବରୋଚିତ ଆକ୍ରମଣ ଓ ହିଂସାକାଣ୍ଡରେ ଜଣେ ହିନ୍ଦୁ ମୃତ୍ୟୁବରଣ କରିଥିଲେ । ଏହି ଘଟଣାକୁ ଭଦ୍ରକ ଜିଲା ତିହିଡ଼ି ବ୍ଲକର ହିନ୍ଦୁ ସମାଜ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି । ମଙ୍ଗଳବାର ହିନ୍ଦୁ ସମାଜ ପକ୍ଷରୁ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି କରି ବିଡିଓ ଜ୍ୟୋତିର୍ମୟ କରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ଏକ ଶୋଭାଯାତ୍ରା ଭାଟପଡ଼ା ତାରିଣୀ ପୀଠରୁ ବାହାରି ବ୍ଲକ କାର୍ଯ୍ୟାଳୟ ନିକଟରେ ପହ ୍ଥିଲା । ଏହି ଶୋଭାଯାତ୍ରାରେ କିଶୋର କୁମାର ନାୟକ, ତପନ କୁମାର ମିଶ୍ର, ଚିନ୍ମୟ କୁମାର ଜେନା, ଭୁବନାନନ୍ଦ ମିଶ୍ର, ଭାଗିରଥି ପାଣିଗ୍ରାହୀ, ଜୟପ୍ରକାଶ ପତି, ପିଙ୍କୁନ କୁମାର ମଲ୍ଲିକ, ଚକ୍ରଧର ମଲ୍ଲିକ, ହରିହର ବେହେରା, ଜଗନ୍ନାଥ ଗାହାଣ, ଦୀପକ ରାଉତ, କେଶବ କୁମାର ବଳ, ଅଞ୍ଜନ କୁମାର ମହାନ୍ତି, ସୁଶାନ୍ତ ପାଢ଼ୀ, ସୁଶାନ୍ତ କୁମାର ସାହୁ, ବିଶ୍ୱଭୂଷଣ ମଲ୍ଲିକ ପ୍ରମୁଖ ବହୁ ହିନ୍ଦୁ ସାମିଲ ହୋଇଥିଲେ ।

ନୀଳମଣି କଲେଜରେ ଜାତୀୟ ସର୍ବେକ୍ଷଣ କାର୍ଯ୍ୟକ୍ରମ

ବସ୍ତା,୨୫/୪(ନିପ୍ର) : ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରାଳୟ ପ୍ରଯୋଜିତ ଜାତୀୟ ସର୍ବେକ୍ଷଣ କାର୍ଯ୍ୟକ୍ରମ ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଉଦଘାଟିତ ହୋଇଯାଇଛି । ଜାତୀୟ ସେବା ଯୋଜନା ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ତପନ କୁମାର ବେହେରା ଅଧ୍ୟକ୍ଷତା କରିବା ସହ ସ୍ୱେଚ୍ଛାସେବୀ ମାନଙ୍କୁ ସଠିକ୍ ତଥ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ । ଏହି ଉଦଘାଟନ ଉତ୍ସବରେ ପ୍ରୋଗ୍ରାମ ଅଫିସର ଡ଼ଃ ଆରୁଣୀ ମିଶ୍ର କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଆଇକ୍ୟୁଏସି ସଂଯୋଜକ ଅଧ୍ୟାପକ ଚନ୍ଦନ କୁମାର ଦାସ, ଅଧ୍ୟାପକ ଶମ୍ଭୁନାଥ ଗିରି, ଶ୍ରବଣ ନାୟକ ଓ ଅଧ୍ୟାପିକା ଇତିଶ୍ରୀ ମହାନ୍ତ ପ୍ରମୁଖ ଯୋଗଦେଇ ସର୍ବେକ୍ଷଣର ଉଦ୍ଦେଶ୍ୟ ଓ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଅନାମିକା ପ୍ରଧାନ ଓ ଅନୀତା ସାହୁ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଆନୁଷ୍ଠାନିକ ଶିକ୍ଷା କିମ୍ବା ନିୟମିତ ନିଯୁକ୍ତିରେ ନଥିବା ୧୫ ବର୍ଷରୁ ୨୯ ବର୍ଷ ବୟସର ଯୁବକ ଯୁବତୀ ମାନଙ୍କର ତଥ୍ୟ ସଂଗ୍ରହ ନିମନ୍ତେ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରୋଗ୍ରାମ ଅଫିସର ଗୌରାଙ୍ଗ ପଣ୍ଡା ତାଲିମ ପ୍ରଦାନ କରିଥିଲେ । ଯଜ୍ଞେଶ୍ୱର ଗିରି, ମନ୍ମଥ କୁମାର ଦଲେଇ, ଜ୍ୟୋତି ରଞ୍ଜନ ବର, ସୁବ୍ରତ ମଲ୍ଲିକ, ପାର୍ଥସାରଥୀ ରାଉଳ ଓ ପ୍ରୀତିପୁଷ୍ପା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅଭିଷେକ ପଣ୍ଡା, ଦେବେନ୍ଦ୍ର ଆଚାର୍ଯ୍ୟ, ଦିବ୍ୟରଞ୍ଜନ ଭଞ୍ଜ, ଗୌତମ ମହାପାତ୍ର ଓ କିରଣ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ଉମେଶ ଚନ୍ଦ୍ର ପାତ୍ର ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

ଇଷ୍ଟକୋଷ୍ଟ ରେଳ ବିଭାଗର ମନମୁଖୀ ଟ୍ରେନ ଭଡ଼ା ଆଦାୟ ପ୍ରତିବାଦରେ ଦାବିପତ୍ର ପ୍ରଦାନ

ଭଦ୍ରକ,,୨୫/୪(ନିପ୍ର) : ଇଷ୍ଟକୋଷ୍ଟ ରେଳ ବିଭାଗ ପକ୍ଷରୁ ପାସେଞ୍ଜର ଟ୍ରେନ୍‌ରେ ଏକ୍ସପ୍ରେସ ଭଡ଼ା ନେଇ ଯାତ୍ରୀଙ୍କୁ କରାଯାଉଥିବା ଶୋଷଣକୁ ଉତ୍କଳ ସର୍ବୋଦୟ ମଣ୍ଡଳ ଭଦ୍ରକ ଜିଲ୍ଲା ଏବଂ ଜିଲ୍ଲାର ବୁଦ୍ଧିଜୀବୀ ମିଳିତ ଭାବେ ତୀବ୍ର ବିରୋଧ କରିଛନ୍ତି । ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ପ୍ରକାଶ ଯେ ସାଧାରଣ ଗରୀବ ଲୋକ ଅତ୍ୟଧିକ ବସ୍‌ଭଡ଼ା କିମ୍ବା ଏକ୍ସପ୍ରେସ୍ ଟ୍ରେନ ଭଡ଼ା ଦେଇ ଯାତାୟତ କରି ପାରୁ ନଥିବାରୁ ପାସେଞ୍ଜର ଟ୍ରେନରେ ଯାତାୟାତ କରିଥାଏ । ମାତ୍ର ପାସେଞ୍ଜର ଟ୍ରେନ୍‌ରେ ଇଷ୍ଟକୋଷ୍ଟ ରେଳ ବିଭାଗ ପକ୍ଷରୁ ଏକ୍ସପ୍ରେସ୍ ଭଡ଼ା ଆଦାୟ କରାଯାଉଛି । ଏହି ରୁଟ୍‌ରେ ଚଳାଚଳ କରୁଥିବା ମେମୁ ଟ୍ରେନ୍‌ରେ ଯଦି ଜଣେ ଯାତ୍ରୀ ବାଲେଶ୍ୱରରୁ କଟକ ଯାଉଛି ତେବେ ତାକୁ ୪୦ଟଙ୍କା ଭଡ଼ା ଦେବାକୁ ପଡୁଥିବା ବେଳେ ଜଣେ ଯାତ୍ରୀ ଭଦ୍ରକରୁ କଟକ ଗଲେ ସେହି ସମାନ ଟ୍ରେନ୍‌ରେ ୬୦ ଟଙ୍କା ଭଡ଼ା ଦେଉଛି । ସେହିପରି ସମାନ ଟ୍ରେନ୍‌ରେ ଜଣେ ଯାତ୍ରୀ ଭଦ୍ରକରୁ ବାଲେଶ୍ୱର ଗଲେ ୪୦ ଟଙ୍କା ଭଡ଼ା ଦେଉଥିବା ବେଳେ ଫେରସ୍ତ ଆସିବା ବେଳେ ବାଲେଶ୍ୱରରୁ ଭଦ୍ରକ ୨୦ ଟଙ୍କା ଟିକେଟ କାଟୁଛି । ଭଦ୍ରକରୁ ରାଣିତାଲ ମାତ୍ର ୧୦ କିମି କୁ ଭଦ୍ରକରୁ ଗଲେ ୩୦ଟଙ୍କା ଭଡ଼ା ଦେବାକୁ ପଡୁଥିବା ବେଳେ ରାଣିତାଲରୁ ଭଦ୍ରକ ଆସିଲେ ୧୦ଟଙ୍କା ଦେବାକୁ ହେଉଛି । ପାସଞ୍ଜେର ଟ୍ରେନ ସମସ୍ତ ଷ୍ଟେସନ ସହିତ ପାସେଞ୍ଜର ହଲ୍‌ଟରେ ଅଟକୁ ଥିବା ବେଳେ ଯାତ୍ରୀଙ୍କ ଠାରୁ ଏକ୍ସପ୍ରେସ୍ ଭଡ଼ା ନେବା କେତେ ଯୁକ୍ତିଯୁକ୍ତ ବୋଲି ଆପତ୍ତି କରାଯାଇଛି । ବିଶେଷ କରି ଏହି ଭଡ଼ା ତାରତମ୍ୟ ଇଷ୍ଟକୋଷ୍ଟ ରେଳ ବିଭାଗରେ ଚାଲିଛି । ଦକ୍ଷିଣପୂର୍ବ ରେଳ ଡିଭିଜନ ଅଧିନରେ ମେମୁ ଟ୍ରେନରେ ପାସେଞ୍ଜର ଭଡ଼ା ନିଆଯାଉଥିବା ବେଳେ ଇଷ୍ଟକୋଷ୍ଟ ରେଳ ବିଭାଗରେ ଏକ୍ସପ୍ରେସ୍ ଭଡ଼ା ନିଆଯାଉଛି । ଏଡି ବ୍ୟତିକ୍ରମର ସମାଧାନ ପାଇଁ ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳର ସଭାପତି ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ସର୍ବୋଦୟ ମଣ୍ଡଳର କର୍ମକର୍ତ୍ତା, ଭଦ୍ରକର ବୁଦ୍ଧିଜୀବୀ ଶିକ୍ଷାବିତ୍ ଗୟାଧର ପଣ୍ଡା, ଆଡ୍‌ଭୋକେଟ ଆଦିତ୍ୟ ନାୟକ, ନାରାୟଣ ଚନ୍ଦ୍ର ପାଢୀ, ରୋଟାରିଆନ୍ ଶିଶିର ମିଶ୍ର, ଭବାନୀ ନାୟକ, ମନୋଜ ସାହୁ ପ୍ରମୁଖ ଏକ ଦାବିପତ୍ର ଇଷ୍ଟକୋଷ୍ଟ ଡିଭିଜନର ମହାପ୍ରବନ୍ଧକ ଭୁବନେଶ୍ୱର, କେନ୍ଦ୍ର ରେଳମନ୍ତ୍ରୀ, ଧାମନଗର ବିଧାୟକ, ଭଦ୍ରକ ସାଂସଦ, ଡିଆର୍‌ଏମ୍ ଖୋର୍ଦ୍ଧା, ଭଦ୍ରକ ଷ୍ଟେସନ ମ୍ୟାନେଜରଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ଏପରିକି ତୁରନ୍ତ ଇଷ୍ଟକୋଷ୍ଟ ରେଳ ବିଭାଗ ପକ୍ଷରୁ ଏହି ବ୍ୟତିକ୍ରମରେ ସୁଧାର ନ ଆଣିଲେ ସର୍ବୋଦୟ ମଣ୍ଡଳ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତବାନୀ ଦିଆ ଯାଇଛି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

ବରଗଡ଼ରେ ଲୁଚିଥିଲା...

ଜଣେ ପୂର୍ବତନ ମନ୍ତ୍ରୀଙ୍କ ପୃଷ୍ଠପୋଷକତାରେ ରାଜା ଖାନ୍ ବରଗଡରେ ରହୁଥିଲା । ସେହି ପୂର୍ବତନ ମନ୍ତ୍ର ସୁଶାନ୍ତ ସିଂହ ନୁହନ୍ତି ତ ବୋଲି ପ୍ରଶ୍ନ କରିଛନ୍ତି । ବିଜେପିର ଅଭିଯୋଗ ଉପରେ ସୁଶାନ୍ତ ସିଂ ସୂଚନ ଦେଇ କହିଛନ୍ତି-ଅଭିଯୋଗ ଭିତ୍ତିହୀନ । ରାଜା ଖାନକୁ ସେ ଜାଣିନାହାନ୍ତି । ବିଜେପି ନେତାଙ୍କ ବିରୋଧରେ ମାନହାନୀ ମକଦ୍ଦମା କରିବେ । । ଗୁଡ୍ଡୁ ମୁସଲିମଙ୍କୁ ନେଇ କେବଳ ଓଡ଼ିଶାରେ ରାଜନୀତି ହେଉଛି ତାହା ନୁହେଁ । ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲଙ୍କୁ ମଧ୍ୟ ଘେରିଛି ବିଜେପି । ହତ୍ୟା, ଅଣ୍ଡର ୱାର୍ଲଡ ସହ ଲିଙ୍କରେ ଥିବା ଜଣେ ଅପରାଧୀ ଛତିଶଗଡରେ କେମିତି ରହିଲେ ଏବଂ ରାଜ୍ୟ ସରକାର କେମିତି ଜାଣିପାରିଲେନି ବୋଲି ପ୍ରଶ୍ନ ଉଠାଇଛନ୍ତି ବିଜେପି ନେତା । ଏସବୁ ଭିତରେ ଗୁଡ୍ଡୁ ମୁସଲିମ୍ ଓଡ଼ିଶା ଲୁଚିବାର ଖବରକୁ ନେଇ ଏବେ ଅନେକ ପ୍ରଶ୍ନ ଉଠିଛି ।

ବନ୍ଦହେବ ମନରେଗା...

(ପୃଷ୍ଠା ୪ର ଅବଶିଷ୍ଟ) କୋଟି ଟଙ୍କାକୁ ବୃଦ୍ଧି କରିଥିଲେ । ସେହିପରି ୨୦୨୧-୨୨ ବଜେଟରେ ୭୩ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା । ଏହି ଯୋଜନାର ୨୦୨୦-୨୧ରେ ୭.୫୫ କୋଟି ପରିବାର କାମ କରିଥିବାବେଳେ ୨୦୨୧-୨୨ରେ ୬.୮୧ କୋଟି ପରିବାର କାମ କରିଥିବା ସରକାରୀ ରିପୋର୍ଟ କହେ । କେବଳ ଏହି ଦୁଇବର୍ଷ ନୁହେଁ, ୨୦୧୫-୧୬ ଆର୍ଥୀକ ବର୍ଷରୁ ୫କୋଟିରୁ ଅଧିକ ପରିବାର ଏହି ଯୋଜନାରେ କାମ ମାଗି ଆସିଛନ୍ତି । କିନ୍ତୁ ଚଳିତ ୨୦୨୩-୨୪ ଆର୍ଥୀକ ବର୍ଷର ବଜେଟରେ କେନ୍ଦ୍ର ସରକାର ପୂର୍ବ ଆର୍ଥୀକ ବର୍ଷର ସଂଶୋଧିତ ବଜେଟ ବ୍ୟୟବରାଦ ତୁଳନାରେ ବ୍ୟୟ ଅଟକଳ ୩୩ପ୍ରତିଶତ ହ୍ରାସ କରିଛନ୍ତି । ଚଳିତବର୍ଷ ବଜେଟରେ ମାତ୍ର ୬୦ହଜାର କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଦେଶର ଗ୍ରାମାଚଂଳ ଗରିବଙ୍କର କମ୍ ମଜୁରୀ ସତ୍ତ୍ୱେ ସାହାରା ପାଲଟିଥିବା ମନେରଗା ଯୋଜନାରେ ବ୍ୟୟବରାଦ ହ୍ରାସ ପାଇବା ନେଇ ବିଶେଷଜ୍ଞ ଏବଂ ବିରୋଧି ଦଳ ମଧ୍ୟରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱଭାବିକ । ଏପରିକି ଗ୍ରାମୀଣ ବିକାଶ ସମ୍ପର୍କିତ ସଂସଦୀୟ କମିଟି ମଧ୍ୟ ପ୍ରଶ୍ନ ଉଠାଇଥିଲେ ତେବେ ଏହା ଏକ ଚାହିଦା ଭିତିକ ଯୋଜନା ହୋଇଥିବାରୁ ଯଦି ଲୋକମାନେ ଅଧିକ କାମ ମାଗିବେ, ତେବେ ସରକାର ଅଧିକ ପାଣ୍ଠି ଯୋଗାଇ ଦେବେ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି । ଏହା ସତ୍ୟ ଯେ, ଗ୍ରାମୀଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଜଳଜୀବନ ଯୋଜନା ପାଇଁ ସରକାର ବଜେଟରେ ଅଧିକ ବ୍ୟୟ ବରାଦ କରିଥିବାରୁ ଏହି ଯୋଜନାରେ ଗ୍ରାମାଚଂଳ ଶ୍ରମିକ କାମ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି । ଯାହାକି ମନରେଗାକୁ ସଂକୁଚିତ କରିବା ସଂକେତ ପ୍ରଦାନ କରୁଛି ବୋଲି କହିଲେ ହୁଏତ ଭୁଲ ହୋଇନପାରେ । ନିକଟରେ କେନ୍ଦ୍ର ସରକାର ମନରେଗା ମଜୁରୀ ବୃଦ୍ଧି କରିଛନ୍ତି । ମଜୁରୀ ବୃଦ୍ଧି ସତ୍ତ୍ୱେ ବ୍ୟବସ୍ଥାର ସରଳୀକରଣ ପରିବର୍ତେ କଠୋର ନିୟମ ଏବଂ ବ୍ୟୟ ଅଟକଳ ହ୍ରାସ ଯୋଗୁଁ ଶ୍ରମିକଙ୍କ ସଂଖ୍ୟା ହ୍ରାସ ପାଉଛି । ଗତ ୭ବର୍ଷ ମଧ୍ୟରେ ଅର୍ଥାତ୍ ୨୦୧୬-୧୭ ପରଠାରୁ ଗତ ୨୦୨୨-୨୩ ଆର୍ଥୀକ ବର୍ଷରେ ଶ୍ରମିକଙ୍କୁ ବର୍ଷକୁ ହାରାହାରୀ ୪୨ଦିନର କାମ ମିଳିଥିବା ସରକାରୀ ରିପୋର୍ଟରୁ ଜଣାଯାଇଛି । ଯାହାକି ଗତ ୭ବର୍ଷ ମଧ୍ୟରେ ସର୍ବନିମ୍ନ ସରକାର ବାର୍ଷିକ ୧୦୦ଦିନର କାମ ଯୋଗାଇ ଦେବାକୁ ବ୍ୟବସ୍ଥା ଥିବାବେଳେ କମ୍ ମଜୁରୀ ସତ୍ତ୍ୱେ ବର୍ଷକୁ ୪୨ଦିନର କାମ ଦେବା ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି । କଂଗ୍

ବୁଧବାର, ଏପ୍ରିଲ ୨୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ସମ୍ପନ୍ନ ହେଲା ଅଖ-ଚକ ଲାଗି ନୀତି

ବାରିପଦା,୨୫/୪(ନିପ୍ର) : ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦାରେ ଘୋଷଯାତ୍ରା ପାଇଁ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଅକ୍ଷୟ ତୃତୀୟା ଅବସରରେ ବାରିପଦା ସ୍ଥିତ ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିରରେ ରଥ ଅଖରେ ରୀତିନୀତି ଅନୁଯାୟୀ ଚକ ଲାଗି ହୋଇଛି। ବୈଶାଖ ମାସ ଶୁକ୍ଳ ପକ୍ଷ ତୃତୀୟାଟି ଅକ୍ଷୟ ତୃତୀୟା ବା ଅକ୍ଷି ତୃତୀୟା ଭାବେ ପରିଚିତ। ଏହି ଦିନ କୌଣସି କାର୍ଯ୍ୟ ଆରମ୍ଭ କଲେ ତାହା କ୍ଷୟ ନହୋଇ ଅକ୍ଷୁର୍ଣ୍ଣ ରହିଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚନ୍ଦନ ଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହେଉଥିବା ବେଳେ ରଥ ତିଆରି କାମ ମଧ୍ୟ ଆରମ୍ଭ ହୋଇଥାଏ । ଅକ୍ଷୟ ତୃତୀୟା ତିଥିରେ ଅକ୍ଷି ପୂଜା ହେବା ପରେ ବିଶ୍ୱକର୍ମା ଓ ତାଙ୍କର ସହଯୋଗୀଗଣ ରଥନିର୍ମାଣରେ ପ୍ରବୃତ ହୋଇଥାନ୍ତି। ଶ୍ରୀ ଶ୍ରୀ ହରିବଳଦେବ ଜୀଉଙ୍କ ମନ୍ଦିରରେ ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇ ନିଷ୍ପତି ସ୍ଥିରୀକୃତ ହୋଇଥିଲା। ତିନି ରଥ ନିମନ୍ତେ ପ୍ରସ୍ତୁତ ହୋଇଥିବା ଅଖକୁ ମନ୍ଦିରର ଦକ୍ଷିଣ ଦ୍ୱାର ଦେଇ ମନ୍ଦିର ଭିତରକୁ ନିଆଯାଇଥିଲା। ଏଥିପରେ ମହାପ୍ରଭୁଙ୍କ ନିକଟରେ ପୂଜାର୍ଚ୍ଚନା ପରେ ଆଜ୍ଞାମାଳ ନେଇ ଅଖକୁ ପୂଜାର୍ଚ୍ଚନା କରାଯାଇଥିଲା। ବଳଭଦ୍ରଙ୍କ ରଥ ପାଇଁ ସୌରଭ କୁମାର ଦାଶ, ସୁଭଦ୍ରାଙ୍କ ରଥ ପାଇଁ ଅଭିଷେକ ଦେଓଘରିଆ ଓ ଜଗନ୍ନାଥଙ୍କ ରଥ ପାଇଁ ତଥାଗତ ତ୍ରିପାଠୀ ଆଜ୍ଞାମାଳ ଆଣି ପୂଜାର୍ଚ୍ଚନା କରିଥିଲେ। ଏହା ପରେ ତିନି ରଥର ଅଖରେ ଚକ ଲାଗିଥିଲା। ଏହି ସମୟରେ ଉପ-ଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ଓ ଅନ୍ୟାନ୍ୟ ପ୍ରଶାସନର ଅଧିକାରୀ ମାନେ ଉପସ୍ଥିତ ଥିଲେ।

ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକଡା କାର୍ଯ୍ୟକ୍ରମ

ବସ୍ତା୨୫।୪(ନିପ୍ର) ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପକ୍ଷରୁ ସ୍ୱଚ୍ଛତା ପକଡା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ରେ ସ୍ୱାସ୍ଥ୍ୟକେନ୍ଦ୍ର ର ଚିକିତ୍ସା ଅଧିକାରୀ ଡା ବିନୟ କୁମାର ଦାସ ମହାପାତ୍ରଙ୍କ ତତ୍ତ୍ୱାବୋଧାନରେ ସଫେଇ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା ।ମୁଖ୍ୟ ଅତିଥି ଭାବେ ରୂପସା ପ ।ୟତ ସରପ ଶ୍ରୀମତୀ ମାଳତୀ ପ୍ରଧାନ ଓ ଆଙ୍କ ପ ।ୟତ ର ସରପ ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ବେହେରା ଉପସ୍ଥିତ ଥିଲେ ।ସ୍ୱଚ୍ଛ ପରିବେଶ ସୁରକ୍ଷା ଆମର ଦାୟିତ୍ୱ ଓ କ ର୍ବ୍ୟ ବିଷୟରେ ସଚେତନତା ବା ି ପ୍ରଦାନ କରିଥିଲେ ।ସ୍ୱାସ୍ଥ୍ୟ କେନ୍ଦ୍ରର ଜନ ସମ୍ପ୍ରସାରଣ ଅଧିକାରୀ ଶ୍ରୀଯୁକ୍ତ ପ୍ରଦୀପ କୁମାର ସାହୁ, ବ୍ଲୋକ୍ ପ୍ରୋଗ୍ରାମ ମେନେଜର ଶ୍ରୀଯୁକ୍ତ ସତ୍ୟସୁନ୍ଦର୍ ଗୋସ୍ୱାମୀ, ଡ଼ା ଅସିତ୍ କୁମାର ପ୍ରଧାନ, ପୁରୁଷ ପରିଦର୍ଶକ ଶୁଶାନ୍ତ କୁମାର ମାଝୀ, ସ୍ୱାସ୍ଥ୍ୟ କର୍ମୀ ଭାବରେ ଆରତୀ ପଣ୍ଡା, ଦିଲ୍ଲୀପ ସିଂହ, ପ୍ରଦୀପ୍ତ ସିଂହ, ପ୍ରତିଭା ଗିରି ସମେତ ଚତୃର୍ଥ ଶ୍ରେଣୀ କର୍ମଚାରୀ ଗାଁ କଲ୍ୟାଣ ସମିତିର ସଭ୍ୟା ମାନଙ୍କୁ ନେଇ ଏକ ସଭାର ଆୟୋଜନ ହୋଇଥିଲା। ଏହି ସଭାରେ ପାଲା ଗାୟକ ପୂର୍ଣ୍ଣଚନ୍ଦ୍ର ବେହେରା ଦାସକାଠିଆ ଗୀତ ମାଧ୍ୟମରେ ସଚେତନତା ବା ି ଦେଇଥିଲେ । ପରିବେଶ ସ୍ୱଚ୍ଛତା ବିଷୟରେ ଆମର ପରିବେଶକୁ କିପରି ସଫା ରଖିବା ତାହା ଆମର ଦାୟିତ୍ୱ ବୋଲି ପ୍ରତ୍ୟେକ ଲୋକଙ୍କୁ ଜଣାଇବା ପାଇଁ କୁହାଯାଇଥିଲା। ଶେଷରେ ଏକ ରାଲିରେ ବାହାରି ସଫେଇ କାର୍ଯ୍ୟକ୍ରମ ମଧ୍ୟମରେ ହସ୍ପିଟାଲ ପରିସର ରୂପସା ବଜାର ସମେତ ଆଖପାଖ ସଫେଇ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଓ ଡାକ୍ତରଖାନାର ସମସ୍ତ କର୍ମଚାରୀ ମାନେ ଯୋଗଦାନ କରିଥିଲେ।

ଭୁଜାଖିଆ ପୀରବାବାଙ୍କ 'ଉର୍ସ'ପୂର୍ବରୁ ଆଇନଶୃଙ୍ଖଳା ଓ ଟ୍ରାଫିକ ସ୍ଥିତି ସମୀକ୍ଷା କଲେ ଏସପି

ବାଲେଶ୍ୱର,୨୫।୪(ନିପ୍ର): ବାବା ଭୁଜାଖିଆ ପୀରଙ୍କ ୭୯ ବାର୍ଷିକ ଉର୍ଷ ଚୂଡ଼ାନ୍ତ ହୋଇଥିବା ବେଳେ ସମ୍ଭାବ୍ୟ ଜନଗହଳି ଓ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ଏସପି ସାଗରିକା ନାଥ। ଏହି ପରିପ୍ରେକ୍ଷୀରେ ଏସପି ବାବା ଭୁଜାଖିଆ ପୀରଙ୍କ ପୀଠ ପରିଦର୍ଶନ ସହ ପ୍ରସ୍ତୁତି ଅନୁଧ୍ୟାନ କରିଥିଲେ। ଭିଡ଼ ନିୟନ୍ତ୍ରଣ ତଥା ଅସାମାଜିକଙ୍କ ଉପରେ ନଜର ରଖିବା ପାଇଁ ଡ୍ରୋନ କ୍ୟାମେରା ବ୍ୟବହାର ଉପରେ ଏସପି ଗୁରୁତ୍ୱାରୋପ କରିଥିଲେ। ଏହି ୩ ଦିନିଆ ଉତ୍ସବରେ ବାଲେଶ୍ୱର-ଚାନ୍ଦିପୁର ରାସ୍ତାରେ ଭାରିଯାନ ଚଳାଚଳ ନିୟନ୍ତ୍ରଣ ସହ ଅନ୍ୟ ରାସ୍ତା ଦେଇ ଯାତାୟତ ନେଇ ବ୍ୟବସ୍ଥା କରାଯାଇଛି। ସେହିପରି ଅପରାହ୍ନ ଠାରୁ ସୁନହଟ ଛକରୁ ପାତ୍ରପଡ଼ା ପର୍ଯ୍ୟନ୍ତ ସମସ୍ତ ପ୍ରକାର ଯାନବାହାନ ଚଳାଚଳ ବନ୍ଦ ରଖିବାକୁ ଏସପି ପରାମର୍ଶ ଦେଇଛନ୍ତି । ବାବାଙ୍କର ବାର୍ଷିକୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ପାଳନ ପାଇଁ ଜଣେ ଅତିରିକ୍ତ ଏସପିଙ୍କ ନେତୃତ୍ୱରେ ୬ଜଣ ଇନସ୍ପେକ୍ଟର, ୩୦ଜଣ ଏସଆଇ, ୧୪ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ଏସପି ଶ୍ରୀମତୀ ନାଥ ସୂଚନା ଦେଇଛନ୍ତି। ଏସପିଙ୍କ ସମୀକ୍ଷା ସମୟରେ ଟ୍ରାଫିକ ବିଭାଗର ଡିଏସପି ଆଲୋକ ରଂଜନ ରାୟ, ଡିଆଇବି ଡିଏସପି ବ୍ରଜେଶ୍ୱରୀ ବଳ, ଡିଏସପି ମାନସ ଦେଓ, ସଦର ଏସଡିପିଓ ଡ. ଶଶାଙ୍କ ଶେଖର ବେହୁରା, ସିଟି ଡିଏସପି ଗାୟତ୍ରୀବାଳା ପ୍ରଧାନ, ଟାଉନ୍ ଥାନା ଅଧିକାରୀ ପର୍ଶୁରାମ ସାହୁ, ସହଦେବଖୁଣ୍ଟା ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ନାୟକ, ରେମୁଣା ଥାନା ଅଧିକାରିଣୀ ପ୍ରେମପ୍ରଜ୍ଞା ମହାନ୍ତି, ଟ୍ରାଫିକ ଥାନା ଅଧିକାରୀ ଗଣେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

ଶାଣ୍ଡିଲ୍ୟ ବିବେକ ସଂଗୀତ ଶିକ୍ଷାକେନ୍ଦ୍ର ଉଦଘାଟିତ

ବାଲେଶ୍ୱର,୨୫/୪(ନିପ୍ର) : ଫୁଲାଡ଼ି ଧରମପୁର ସ୍ଥିତ ଶାଣ୍ଡିଲ୍ୟ ବିବେକାନନ୍ଦ ଶିକ୍ଷା କେନ୍ଦ୍ର ପରିସରରେ ଶାଣ୍ଡିଲ୍ୟ ବିବେକ ସଂଗୀତ କଳା ଶିକ୍ଷାକେନ୍ଦ୍ର ଆଶ୍ରମ ର ପୁରୋଧା ଓ ପ୍ରଧାନ ଆଚାର୍ଯ୍ୟ ମଧୁସୂଦନ ଦାଶଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି, ଅନୁଷ୍ଠାନର ସମ୍ପାଦକ ବାଣୀ ନିର୍ମାଲ୍ୟ ବିଶ୍ୱାଳ ଙ୍କ ସଭାପତିତ୍ୱ ରେ ସମ୍ମାନିତ ଅତିଥି ଭାବେ ଉତ୍କଳ ଶିକ୍ଷା ପରିଷଦର ସମ୍ପାଦକ ଯୋଗେନ୍ଦ୍ର ଦାଶ,ବିଶିଷ୍ଟ ନାଟ୍ୟକାର ବିଜୟ ପରିଡା, ସଂଗୀତ ଗୁରୁଦିଲ୍ଲୀପ କୁମାର ମହାନ୍ତି, ସଂଗୀତ ଶିକ୍ଷକ ଭକ୍ତ ଚରଣ ସେନ, କଳା ଶିକ୍ଷୟତ୍ରୀ କବିତା ସେନାପତି, ପ୍ରମୁଖ ଯୋଗ ଦେଇ ପିଲାମାନଙ୍କ ର ଅନ୍ତର୍ନିହିତ ଲୁକାଇତ ପ୍ରତିଭାକୁ ବିକାଶ କରିବା ଏହି ସଂଗୀତ ଶିକ୍ଷାକେନ୍ଦ୍ର ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ନିଜ ନିଜ ବକ୍ତବ୍ୟ ରେ କହିଥିଲେ କ୍ଷ ବାଦ୍ୟ ଶିଳ୍ପୀ ତୀର୍ଥଙ୍କର ମହାନ୍ତି ଅଭିଭାଷଣ ସହ ଅନୁଷ୍ଠାନ ର ଆଭିମୁଖ୍ୟ ବିଷୟ ରେ କହିଥିଲେ, ଉପ ପ୍ରଧାନଆଚାର୍ଯ୍ୟ ଦାମୋଦର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ, ଏହି ଅବସରରେ ଗୁଣାକର ମହାନ୍ତି ଶରତ ଚନ୍ଦ୍ର ବାଗ, ନିତ୍ୟାନନ୍ଦ ରାଉତ, ମୋନାଲିସା ମହାପାତ୍ର, ପ୍ରୀତିପୁଷ୍ପା ଦାସ, ଚମ୍ପାବତୀ ଦାସ, ସରସ୍ୱତୀ ଦ , ସୁଜାତା ବାରିକ, ମାଳତୀ ମହାନ୍ତି ରାଧାରାଣୀ ଚୌଧୁରୀ ଙ୍କ ସହ ଅନେକ ଅଭିଭାବକ ଉପସ୍ଥିତ ଥିଲେ

ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ପକ୍ଷରୁ ରାତ୍ରୀକାଳିନ ଭଲିବଲ ଟୁର୍ଣ୍ଣାମେଂଟ

ନୀଳଗିରି,୨୫/୪(ନିପ୍ର) :ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ କେ.ସି. ହାଇସ୍କୁଲ ପଡ଼ିଆରେ ଏକ ରାତ୍ରିକାଳୀନ ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟକୁ ନୀଳଗିରି ଏନ.ଏ.ସି. ର ଏସ.ସି.ସେଲର ଅଧ୍ୟକ୍ଷ ତଥା ସମାଜସେବୀ ଶରତ ଦାସ ଆନୁଷ୍ଠାନିକ ଭାବେ ଶୁଭଉଦ୍‌ଘାଟନ କରିଥିଲେ । ଏହି ରାତ୍ରିକାଳୀନ ଭଲିବଲ ଟୁର୍ଣ୍ଣାମେଂଟରେ ମୋଟ ୮ଟି ଟିମ୍ ଅଂଶ ଗ୍ରହଣ କରିଥିଲେ । ଆସନ୍ତା ମେ ୫ ରୁ ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ହେବାକୁ ଯାଉଥିବା ବେଳେ ଏହି ପରିପ୍ରେକ୍ଷୀରେ ଭଲିବଲ ଟୁର୍ଣ୍ଣାମେଂଟ ଆୟୋଜନ କରାଯାଇଥିବା ସ୍ୱର୍ଣ୍ଣଚୂଡ଼ ଯୁବ ମହୋତ୍ସବ ର ସଭାପତି ସବ୍ୟସାଚୀ ମହାପାତ୍ର ପ୍ରକାଶ କରିଛନ୍ତି । ଏହି ଅବସରରେ ବିଜୟ ଲେଙ୍କା, ଦିପରଂଜନ ଦାଶ, ଉଦୟ ଜ୍ୟୋତି ମହାନ୍ତି, ରାମଚନ୍ଦ୍ର ଦାଶ, ନିଗମ ମହାପାତ୍ର, ଉମ୍ବରୁଧର ବେହେରା, ଜଗନ୍ନାଥ ପାତ୍ର, ରମେଶ ବାଗ, ଲିପନ ମହାପାତ୍ର, ପ୍ରତାପ ସେଠୀ, ଭାସ୍କର ବିଶ୍ୱାଳ ସମେତ ବହୁ ଯୁବ ମହୋତ୍ସବର ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।

ଶ୍ୟାମନଗର ପଂଚାୟତ ଏମ୍‌ବିକେ ବିରୋଧରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ବିକ୍ଷୋଭ

ବିଭିନ୍ନ କାର୍ଯ୍ୟରେ ଦୁର୍ନୀତି ଅଭିଯୋଗ : ବହିସ୍କାର ନ ହେଲେ ଆନ୍ଦୋଳନର ଚେତାବନୀ

ଜଳେଶ୍ୱର ୨୫/୪ (ନି.ପ୍ର): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶ୍ୟାମନଗର ପଂଚାୟତର ଏମ୍‌ବିକେଙ୍କ କେତେକ ଅନିୟମିତତା କାର୍ଯ୍ୟ ବିରୋଧରେ ଆଜି ପଂଚାୟତରେ ଥିବା ମିଶନଶକ୍ତି କାର୍ଯ୍ୟାଳୟ ସମ୍ମୁଖରେ ସ୍ୱୟଂସହାୟିକା ଗୋଷ୍ଠିର ମହିଳା ମାନଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । କେତେକ କାର୍ଯ୍ୟର ଦୁର୍ନିତୀ ସଂପର୍କରେ ସୂଚନା ଦେବା ସହିତ ଏମ୍‌ବିକେଙ୍କ ବହିସ୍କାର ଦାବି କରି ବିଭିନ୍ନ କ ୍ଷପକ୍ଷଙ୍କୁ ଲିଖିତଭାବେ ଜଣାଇଛନ୍ତି । ଆଜି ସକାଳେ ଶ୍ୟାମନଗର ପଂଚାୟତରେ ମିଶନଶକ୍ତିର କେତେକ କାର୍ଯ୍ୟର ଅନିୟମିତତା ସଂପର୍କରେ ମହିଳମାନେ ଏକଜୁଟ ହୋଇଥିଲେ । ଏକ ପାଓ୍ୱାରଟିଲର କିଣା ଓ ବ୍ୟବହାର ସଂପକରେ ଦୁର୍ନିତୀ ହୋଇଥିବା ଅଭିଯୋଗ କରିଥିଲେ । ମୋ ଉପକାରୀ ବଗିଚା ହିତାଧିକାରୀ ଚୟନରେ ଲା ନେବା, କୁକୁଡା ଚିଆ ବ ନରେ ପ୍ରିୟାପ୍ରିତୀ ତୋଷଣ ହେବା, ନିଜ ଗ୍ରୁପକୁ ଅଧିକ ଅର୍ଥ ପ୍ରଦାନ, ନିଜ ଝିଅକୁ କୃଷିମିତ୍ରଭାବେ ଚୟନ କରିବା ସଂପର୍କରେ ମହିଳାଙ୍କ ପକ୍ଷରୁ ଗତ ମାର୍ଚ୍ଚ ୧୭ରେ ବିଡିଓଙ୍କୁ ଲିଖିତଭାବେ ଦର୍ଶାଇଥିଲେ । ଗତ ମାର୍ଚ୍ଚ ୨୪ ତାରିଖରେ ଏଥିପାଇଁ କେତେକ ମହିଳାଙ୍କୁ ଏମ୍‌ବିକେ ଧମକ ଚମକ୍ ଦେବା ଓ ଅନ୍ୟମାନଙ୍କୁ ଖରାପ ଆଚରଣ କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି । ତାଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ମିଶନଶକ୍ତିର କମିଶନର, ଏସ୍‌ପି, ଜିଲାପାଳ, ଓଏଲ୍‌ଏମ୍‌ର ନିର୍ଦ୍ଦେଶକ, ଡିଆର୍‌ଡିଏ, ବିପିଏମ୍, ଡିପିସି, ଆଇଆଇସି ରାଇବଣିଆ, ବ୍ଲକ ଅଧ୍ୟକ୍ଷ ଓ ଅନ୍ୟ କେତେକ ଅଧିକାରୀଙ୍କୁ ଏ ସଂପର୍କରେ ସବିଶେଷ ଜଣାଇଛନ୍ତି । ଏମ୍‌ବିକେଙ୍କୁ ବହିସ୍କାର କରାନଗଲେ ଗଣ ଆନ୍ଦୋଳନ ହେବ ବୋଲି ମହିଳାମାନେ ସାମ୍ବାଦିକ ମାନଙ୍କୁ କହିଛନ୍ତି। ଆଜିର ବିକ୍ଷୋଭରେ ଇନ୍ଦୁମତି ସାମଲ, ଲିଲି ମହାନ୍ତ, ନିରୁପମା ମହାନ୍ତ, ସୁଲେଖା ପାତ୍ର, ନିୟତି ଭଂଜ, ସୀତାରାଣୀ ମହାନ୍ତ,ଛବିରାଣୀ ସାମଲ, ସ୍ନେହଲତା ମହାନ୍ତି, ପ୍ରଭାତି ମହାନ୍ତି, ନିଳମଣୀ ଦାସ, ଦ୍ରୌପଦୀ ରାଉତ, ଗୀତାରାଣୀ ସାମଲ, ରଂଜନ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ । ପ୍ରକାଶଯୋଗ୍ୟ ଶ୍ୟାମନଗର ପଂଚାୟତରେ ଏମ୍‌ବିକେ ଓ ସରପଂଚଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଗଣ୍ଡଗୋଳ ଚରମସୀମାକୁ ଆସିଥିବା ବେଳେ ରାଇବଣିଆ ଥାନାରେ ୨ଟି ପୃଥକ ମାମଲା ରୁଜୁ ହୋଇଛି । ଏ ସବୁ ସଂପର୍କରେ ଉଚ୍ଚ ସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କୁ ଦଣ୍ଡବିଧାନ କରିବାକୁ ସାଧାରଣରେ ଦାବି ହୋଇଛି ।

କଷଟି ଅଗ୍ନି ବିପନ୍ନ ପରିବାରଙ୍କୁ ପୂର୍ବତନ ବିଧାୟକ ଓ ଜିଲ୍ଲାପରିଷଦ ସଭ୍ୟାଙ୍କ ସହାୟତା

ଭଦ୍ରକ,୨୫/୪(ନିପ୍ର) :- ଭଦ୍ରକ ଜିଲା ତିହିଡ଼ି ବ୍ଲକ କୁବେରା ପ ।ୟତ ଅଧୀନ କଷଟି ଗ୍ରାମରେ ଗତ ୨୩ ତାରିଖରେ ବଜ୍ରପାତରୁ ଅଗ୍ନିକାଣ୍ଡ ଘଟି ୬ଟି ପରିବାରର ୮ବଖରା ଘର ଭସ୍ମୀଭୂତ ହୋଇ ଯାଇଥିଲା। ଖବର ପାଇ ମଙ୍ଗଳବାର ସକାଳେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ୭ନଂ ଜୋନ ଜିଲାପରିଷଦ ସଭ୍ୟା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ ଅଗ୍ନି ବିପନ୍ନଙ୍କ ନିକଟରେ ପହ ୁଞ୍ଚି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଥିବା ବେଳେ ଖୁବ୍ ଶିଘ୍ର ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ସହାୟତା ପ୍ରଦାନ ବେଳେ ବିଜେଡି ନେତା ଯତୀନ୍ଦ୍ର ବେହେରା, ଯୁବନେତା ସୁଧନ୍ୱା ନାୟକ, ପ୍ରତାପ ଜେନା, ବିଶ୍ୱରଂଜନ ନାୟକ, ଗଙ୍ଗାଧର ବେହେରା, ବାଦଲ ବେହେରା, ଚିନ୍ମୟ ସାମଲ ପ୍ରମୁଖଙ୍କ ସହିତ ଗ୍ରାମବାସୀ ଉପସ୍ଥିତ ଥିଲେ।

ହଜ୍ ଯାତ୍ରୀମାନଙ୍କୁ ନିଃଶୁଳ୍କ ପ୍ରଶିକ୍ଷଣ ଶିବିର

ଭଦ୍ରକ,୨୫/୪(ନିପ୍ର) : ପ୍ରତିବର୍ଷ ଭଳି ଚଳିତ ବର୍ଷ ହଜ୍‌ଯାତ୍ରୀମାନଙ୍କୁ ହଜ୍ ସମୟରେ ବିଭିନ୍ନ ନୀତି ନିୟମ ପାଳନ କରିବାର ପ୍ରଣାଳୀ, ବିଦେଶରେ ଖାଇବା, ପିଇବା, ସ୍ୱାସ୍ଥ୍ୟ ସମ୍ପର୍କୀତ ଯାବତୀୟ ସୂଚନା ସହ ବିଭିନ୍ନ ପରିସ୍ଥିତିରେ କିପରି ନିଜକୁ ସୁରକ୍ଷିତ ରଖି ପାରିବେ ସେଥି ନିମନ୍ତେ ଆସନ୍ତା ମଇ ୧ ତାରିଖ ସୋମବାର ସନ୍ଧ୍ୟା ୫ଟାରୁ ରାତ୍ରୀ ୧୦ଟା ଓ ୨ ତାରିଖ ମଙ୍ଗଳବାର ସକାଳ ୫ଟାରୁ ଦିବା ୨ ଘଟିକା ପର୍ଯ୍ୟନ୍ତ ଭଦ୍ରକର ବାଙ୍କାବଜାର ଅଲାଲ୍‌ପୁର ସ୍ଥିତ ରୟାଲ ମଣ୍ଡପ ଠାରେ ଏକ ନିଃଶୁଳ୍କ ତାଲିମ ଶିବିର ଅନୁଷ୍ଠିତ ହେବ। ଏହି ଶିବିରରେ ବିଶିଷ୍ଟ ଧର୍ମ ବିଶାରଦ ତଥା ହଜ୍ ଓ ଉମ୍ରା ସମ୍ବନ୍ଧୀୟ ପ୍ରଶିକ୍ଷକ ମୌଲାନା ସୟଦ ଅବ୍‌ଦୁଲ ମସ୍‌ଜୁଦ୍ ହବିବି, ସୟଦ୍ ଅବଦୁସ୍ ସୁବହୁଙ୍କ ସହ ଅନ୍ୟାନ୍ୟ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ଦେବେ। ଶିବିରରେ ଶିବିରାର୍ଥୀଙ୍କ ନିମନ୍ତେ ସମସ୍ତ ବ୍ୟବସ୍ଥା ହାଜି ଇସ୍‌ଲାମ୍ ବେଗ୍, ହାଜି ସଲିମ୍ ଖାଁ ଓ ହାଜି ସେକ୍ ସିରାଜ୍ ଖାଁଙ୍କ ଦ୍ୱାରା ଆୟୋଜନ କରାଯାଇଛି ବୋଲି ହଜ୍ କମିଟିର ସଭାପତି ହାଜି ଏସ୍.ଏମ୍. ଫାରୁକ୍, ସମ୍ପାଦକ ଅସ୍ରଫ୍ ଅଲ୍ଲୀ ଓ ସଦସ୍ୟ ଅଧ୍ୟାପକ ନାସିର୍ ବକ୍ସ ପ୍ରକାଶ କରିଛନ୍ତି।

ଆର.ଆଇ.ଡ଼ି.-୩୨୬୨ର ଡ଼ି.ଜି. ଓ ଫାଷ୍ଟ ଲେଡ଼ି ଅଫିସିଆଲ ଭିଜିଟ୍‌ରେ ଆସିଲେ ଉଦଳା

ଉଦଳା ତା ୨୫/୦୪ (ନି:ପ୍ର:)- ରୋଟାରୀ ଇଂଟରନ୍ୟାସନାଲ ଡିଷ୍ଟ୍ରିକ୍-୩୨୬୨ର ଡ଼ିଷ୍ଟ୍ରିକ୍ ଗଭର୍ଣ୍ଣର ପ୍ରଭୁଦ ସୁବୁଦ୍ଧି ଏବଂ ଫାଷ୍ଟ ଲେଡ଼ି ମଞ୍ଜୁସା ସୁବୁଦ୍ଧି ଚଳିତ ଏପ୍ରିଲ ୨୪ ତାରିଖ ସୋମବାର ଦିନ ଉଦଳା ରୋଟାରୀ କ୍ଲବକୁ ଅଫିସିଆଲ ଭିଜିଟ୍‌ରେ ଆସିଥିଲେ । ଏଥିପାଇଁ ଏଠାରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯିବା ସହିତ କାର୍ଯ୍ୟକ୍ରମର ରୂପରେଖ ପ୍ରସ୍ତୁତି ପାଇଁ କ୍ଲବ ତରଫରୁ ଦୀର୍ଘ ଏକ ମାସ ପୂର୍ବରୁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥିଲା । ଡ଼ିଷ୍ଟ୍ରିକ୍ ଗଭର୍ଣ୍ଣର ଉଦଳାରେ ରହଣି କାଳ ମଧ୍ୟରେ ରୋଟାରୀ କ୍ଲବ୍ ତରଫରୁ ଆରମ୍ଭ ହୋଇଥିବା ଛତୁଚାଷ, ବସ୍ତ୍ର ବଂଟନ କେନ୍ଦ୍ର, ଅର୍ଗାନ ଡ଼ୋନେସନ୍ ଓ ରକ୍ତ ଦାନ ଶିବିରର ସମସ୍ତ ରେକର୍ଡ ପତ୍ର ଦେଖି ଖୁବ୍ ଆନନ୍ଦିତ ହୋଇଥିଲେ । ପରେ ସନ୍ଧ୍ୟାରେ ସମସ୍ତ ଅତିଥି, ଗଣମାଧ୍ୟମର ପ୍ରତିନିଧି ଓ ରୋଟାରିଆନ ମାନେ ସ୍ଥାନୀୟ "ସନ୍ଧାନ" ଗୃହ ପରିସରରେ ଏକ ସାଧାରଣ ସଭାରେ ଏକତ୍ରିତ ହୋଇଥିଲେ । କ୍ଲବର ସମ୍ପାଦକ ସୁଦର୍ଶନ ପ୍ରଧାନ ପ୍ରାରମ୍